# ସମସ୍ୟା ବଢ଼ାଇଲା କମ୍ ବୃଷ୍ଟି

ଭୁବନେଶ୍ୱର,୨୩।୮(ବ୍ୟୁରୋ)

- ଅଗଷ୍ଟରେ ୫୦% କମ୍ ବର୍ଷା
- ୧୫ ଜିଲାର ୩୦ ବ୍ଲକରେ ମରୁଡ଼ି ସ୍ଥିତି
- ସମସ୍ତ ଜଳସେଚନ ସ୍ରୋତ, ନୂଆ ଲିଫ୍ଟ ପଏଣ୍ଟକୁ ତୁରନ୍ତ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ
- କମ୍ ବୃଷ୍ଟିପାତ ହୋଇଥିବା ବ୍ଲକ୍ ପାଇଁ ବିକଳ୍ପ ଫସଲ ଯୋଜନା

ରାଜ୍ୟରେ ସ୍ୱାଭାବିକଠାରୁ ୨୮.୮% କମ୍ ବୃଷ୍ଟିପାତ ହୋଇଛି। ବିଶେଷକରି ଚଳିତ ଅଗଷ୍ଟ ମାସରେ ୫୦% କମ୍ ବର୍ଷା ହୋଇଛି। ଏଥିଯୋଗୁ ୧୫ ଜିଲାର ପ୍ରାୟ ୩୦ ବ୍ଲକରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। ସେଥିମଧ୍ୟରେ ଅନୁଗୋଳ ଜିଲାର ୪, ବଲାଙ୍ଗୀରର ୨, ଭଦ୍ରକର ୧, ବୌଦ୍ଧର ୨,ଢେଙ୍କାନାଳର ୪, ଗଞ୍ଜାମର ୧, ଗଜପତିର ୧, ଯାଜପୁରର ୨, କେନ୍ଦୁଝରର ୩, ରାୟଗଡ଼ାର ୫, ସମ୍ବଲପୁରର ୧, ନୟାଗଡ଼ର ୧, ଝାରସୁଗୁଡ଼ାର ୧, ନବରଙ୍ଗପୁରର ୧ ଏବଂ ସୋନପୁର ଜିଲାର ୧ ବ୍ଲକ ରହିଛି। ଚଳିତ ଖରିଫ ଋତୁ ଅଗଷ୍ଟ ଶେଷ ସପ୍ତାହ ପର୍ଯ୍ୟନ୍ତ ପ୍ରାୟ ୫୦ ଲକ୍ଷ ୭୬ ହଜାର ହେକ୍ଟର ଜମିରେ ଧାନ, ତୈଳବୀଜ, ଡାଲି ଜାତୀୟ ଶସ୍ୟ, ପନିପରିବା, ମସଲା ଜାତୀୟ ଶସ୍ୟ ଏବଂ ଗୋଖାଦ୍ୟ ଆଦି ବିଭିନ୍ନପ୍ରକାର ଚାଷ ହୋଇଛି। ୨୦୧୯ ଖରିଫ ଋତୁରେ ଏହି ସମୟ ସୁଦ୍ଧା ପ୍ରାୟ ୪୬ ଲକ୍ଷ ୯୯ ହଜାର ହେକ୍ଟର ଜମିରେ ଏସବୁ ଚାଷ ହୋଇଥିବା ବେଳେ ୨୦୨୦ ଅଗଷ୍ଟ ଶେଷ ସପ୍ତାହ ପର୍ଯ୍ୟନ୍ତ ପ୍ରାୟ ୫୫ ଲକ୍ଷ ୪୧ ହଜାର ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ ହୋଇଥିଲା। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୋମବାର ରାଜ୍ୟର ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥିତିର ଅନୁଧ୍ୟାନ କରି ଚାଷ କାର୍ଯ୍ୟ ନିମନ୍ତେ ସମସ୍ତ ଜଳସେଚନ ସ୍ରୋତ ଚାଲୁ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସମସ୍ତ ନୂତନ ଉଠାଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ(ବୋର୍‌ୱେଲ୍), ସ୍ୟାଲୋ ଟ୍ୟୁବ୍‌ୱେଲ୍ ଆଦିକୁ ବିଦ୍ୟୁତ୍ ସଂଯୋଗ ଅବ୍ୟାହତ ରଖିବାକୁ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକୁ କୁହାଯାଇଥିଲା। ବିଦ୍ୟୁତ୍ ବିତରକ କମ୍ପାନୀ ଏବଂ ପାଣି ପଞ୍ଚାୟତଗୁଡ଼ିକରେ ମିଳିତ ବୈଠକ ଡାକି କିସ୍ତିୱାରି ବିଦ୍ୟୁତ୍ ଦେୟ ପୈଠ ବାବଦରେ ବୁଝାମଣା କରିବା ନିମନ୍ତେ ମହାପାତ୍ର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଉଠାଜଳସେଚନ ଏବଂ ବୋରୱେଲ୍ ପଏଣ୍ଟକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେଇ କାର୍ଯ୍ୟକ୍ଷମ କରାଇବାକୁ ମୁଖ୍ୟ ଶାସନ ସଚିବ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷ ଓ ଚାଷୀଙ୍କ ହିତରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ କହିଛନ୍ତି।



ସମସ୍ତ କେନାଲ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ଯୋଗାଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଆବଶ୍ୟକ ସ୍ଥାନରେ ଶାଖା କେନାଲ୍‌ଗୁଡ଼ିକର ମରାମତି କରି ଚାଷ ପାଇଁ ଜଳଯୋଗାଣ ନିଶ୍ଚିତ କରାଇବାକୁ ଜଳସମ୍ପଦ ବିଭାଗ ଯନ୍ତ୍ରୀମାନଙ୍କୁ କୁହାଯାଇଛି। ବିଶେଷତଃ କମ୍ ବୃଷ୍ଟିପାତ ହୋଇଥିବା ବ୍ଲକର କେନାଲ୍‌ଗୁଡ଼ିକରେ ରୋଟେଶନ୍ ଭିତ୍ତିରେ ନିୟମିତ ଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କମ୍ ବୃଷ୍ଟିପାତ ଜିଲାଗୁଡ଼ିକରେ ବିକଳ୍ପ ଫସଲ ନିମନ୍ତେ ସମ୍ଭାବ୍ୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ (କଣ୍ଟିଜେନ୍ସି ପ୍ଲାନ୍) ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ ଜଳ ଓ ଆର୍ଦ୍ରତା ଦରକାର କରୁଥିବା ଶସ୍ୟ ଚାଷ ନିମନ୍ତେ କୃଷକମାନଙ୍କୁ ପରାମର୍ଶ ଏବଂ ଏଥିପାଇଁ ଆବଶ୍ୟକ ବିହନ ଓ ମଞ୍ଜି ଆଦି ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଜ ନିଜ ଜିଲା ପାଇଁ ଆବଶ୍ୟକ ପରିମାଣର ବିହନ ଚାହିଦା ରାଜ୍ୟ ବିହନ ନିଗମ (ସିଡ୍ କର୍ପୋରେଶନ୍)କୁ ତୁରନ୍ତ ପଠାଇବା ପାଇଁ କୁହାଯାଇଛି।

ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ସଚିବ ଅଶୋକ ମୀନା, କୃଷି ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲାପାଳ ଏବଂ ଜିଲା କୃଷି ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ନିଜ ଜିଲାର ସ୍ଥିତି ବିଷୟରେ ଜଣାଇଛନ୍ତି।

# ପଇଡ଼ ବୋଝେଇ ଟ୍ରକ୍‌ରୁ ମିଳିଲା ୭୦ଲକ୍ଷର ଗଞ୍ଜେଇ

ଲମତାପୁଟ, ୨୩।୮(ଡି.ଏନ୍.ଏ.)

ପଇଡ଼ ବୋଝେଇ ଟ୍ରକ୍‌ରେ ଚାଲାଣ ହେଉଥିଲା ଗଞ୍ଜେଇ। ଧରିବାରେ ସଫଳ ହୋଇଛି ଲମତାପୁଟ ଓ ମାଛକୁଣ୍ଡ ପୋଲିସ। ଏହି ଘଟଣାରେ ସେମାନେ ହେଲେ ବିହାରର ଜଗେନ୍ଦ୍ର ତିୱାରୀ ଓ ଶିବଶଙ୍କର ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ କିଛି ଟଙ୍କା, ମୋବାଇଲ ଫୋନ୍ ଓ ପରିଚୟପତ୍ର ଜବତ କରାଯାଇଛି। ସୂଚନାନୁଯାୟୀ, ସଗର ଅଞ୍ଚଳରୁ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ କୋରାପୁଟ ଏସ୍‌ପିଙ୍କୁ ସୂଚନା ମିଳିଥିଲା। ସେ ଲମତାପୁଟ ଓ ମାଛକୁଣ୍ଡ ପୋଲିସକୁ ଖବର ଦେଇଥିଲେ। ମାଛକୁଣ୍ଡ ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ କଞ୍ଚଣା ଗାଁ ନିକଟରେ ନାକାବନ୍ଦୀ କରି ସମସ୍ତ ଗାଡ଼ିକୁ ଯାଞ୍ଚ କରିଥିଲେ। ମଧ୍ୟରାତ୍ରରେ ଉକ୍ତ ପଇଡ଼ ବୋଝେଇ ଟ୍ରକ୍ ସେଠାରେ ପହଞ୍ଚିଥିଲା। ଟ୍ରକ୍‌ରେ ପଇଡ଼ ମଧ୍ୟରେ ଗଞ୍ଜେଇ ବସ୍ତା ଥିବା ପୋଲିସ ଜାଣି ତାହାକୁ ଲମତାପୁଟ ଫାଣ୍ଡିକୁ ଆଣିଥିଲା। ସେଠାରେ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡ଼ିକୁ ଟ୍ରକ୍‌ରୁ ବାହାରକରି ଓଜନ କରାଯାଇଥିଲା। ଉକ୍ତ ବସ୍ତାଗୁଡିକରୁ ୭୦୧ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୭୦ ଲକ୍ଷ ଟଙ୍କା ହେବ ବୋଲି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର କହିଛନ୍ତି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5890/P.S.C., 1E-03-2021/22 (DR-III),** **Dt. 23.8.21**

**No. D-99:-** It is for information of all concerned that, the Viva Voce test of 15 (fifteen) candidates. shortlisted on the basis of merit as per their career marks after document verification for recruitment to the post of Assistant Director of Textiles in Class-II (Group-B) of Odisha Textiles & Sericulture Service (Textile Cadre) under the Handlooms, Textiles & Handicrafts Department, pursuant to Advt. No. 14 of 2019-20. will be held in the Office of the Commission at 19, Dr. P.K. Parija Road, Cuttack-753001 on 31.08.2021 as per the programme detailed below.

PROGRAMME OF VIVA VOCE TEST

| Sl. No. | Date | Reporting Time | Time of Viva Voce Test | Roll numbers of candidates |
|---|---|---|---|---|
| 1. | 31.08.2021 | 10.00 A.M. | 10.30 A.M. | 104, 133, 138, 139, 151, 156, 163, 179, 189 & 197 = **10 candidates** |
| | | 2.30 P.M. | 3.00 P.M. | 220, 222, 246, 256 & 266 = **05 candidates** |

**N.B.:- The candidates are advised to report in the office of the Commission half an hour before the commencement of scheduled date and time as mentioned above**

SPECIAL INSTRUCTIONS & GUIDELINES FOR CANDIDATES

a) The candidates shoul d bring their own water bottles, sanitizer bottles and wear mask properly. No candidates shall be permitted to the V.V. test without mask.
b) Every candidate should maintain social distancing norms of 6 feet while coming to the Viva Voce test.
c) No candidate should be accompanied by any guardian or parent. Entry to the premises will be for candidates only

OIPR-12002/11/0066/2122 **Sd./- Secretary**

## ସଂକ୍ଷେପରେ

### କେନ୍ଦ୍ର ଅଧୀନସ୍ଥ ଶିକ୍ଷାନୁଷ୍ଠାନର ଖାଲି ପଦବୀ ପୂରଣ ଖୁବ୍‌ଶୀଘ୍ର: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୩।୮(ବ୍ୟୁରୋ):** କେନ୍ଦ୍ର ଅଧୀନସ୍ଥ ଶିକ୍ଷାନୁଷ୍ଠାନରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ସଂଖ୍ୟା ଖୁବଶୀଘ୍ର ପୂରଣ ହେବ। ଏହି ପଦବୀ ନିଯୁକ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗ ଓବିସି ଓ ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ସର୍ବଭାରତୀୟ ଓବିସି ଛାତ୍ର ସଂଘର ପ୍ରତିନିଧିମାନଙ୍କୁ ଭେଟିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସଂଘ ଛାତ୍ରୀଛାତ୍ରମାନେ ଓବିସି ବର୍ଗଙ୍କ ପାଇଁ ନିଟ୍ ପରୀକ୍ଷାରେ ସର୍ବଭାରତୀୟ କୋଟାରେ ୨୭ ପ୍ରତିଶତର ସ୍ଥାନ ସଂରକ୍ଷଣ ଦେବା ଏବଂ ଓବିସି ସମୁଦାୟଙ୍କ ସମ୍ମାନ, ନ୍ୟାୟ ଏବଂ ସୁଯୋଗକୁ ଦେବା ପାଇଁ ଧନ୍ୟବାଦ ଜଣାଇଛନ୍ତି । ଛାତ୍ରୀଛାତ୍ରମାନେ ଓବିସିଙ୍କ କଲ୍ୟାଣ ଓ ଓବିସି ସମାଜକୁ ସଶକ୍ତ କରିବା ପାଇଁ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ମଧ୍ୟମ ଏବଂ ଅସହାୟ ବର୍ଗଙ୍କୁ ସୁଯୋଗ ପ୍ରଦାନ କରିବା ଦିଗରେ କାମ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ନାବାଳିକା ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୨୩।୮:** ନାବାଳିକା ବଳାତ୍କାର ମାମଲାର ବିଚାରକରି ସୋମବାର ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସୌମ୍ୟକ ପାତ୍ର ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୫ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ହେଲେ ଟିକାବାଲି ଥାନା ଗୁଟିଙ୍ଗିଆ ଗ୍ରାମର ତ୍ରିନାଥ ଜୁଣ୍ଡି । ୨୦୧୭ ଜାନୁୟାରୀ ୧୦ ତାରିଖରେ ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳିକା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ । ତାଙ୍କ ସହ ଆଉ ଦୁଇ ଜଣ ଝିଅ ମଧ୍ୟ ଥିଲେ । ଗୁଟିଙ୍ଗିଆର ତ୍ରିନାଥ ସେହି ଗ୍ରାମକୁ ତାଙ୍କ ବନ୍ଧୁଘରକୁ ଯାଇଥିଲେ। ରାତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ସେ ମଧ୍ୟ ଟିଭି ଦେଖୁଥିଲେ । ସେଠାରେ ଥିବା ଅନ୍ୟ ଦୁଇ ଝିଅ ପଳାଇ ଯାଇଥିବାବେଳେ ଘରେ ନାବାଳିକା ଏବଂ ତ୍ରିନାଥ ଥିଲେ। ନାବାଳିକା ଜଣକ କିଛି ସମୟ ପରେ ଘରକୁ ଫେରୁଥିବା ବେଳେ ତ୍ରିନାଥ ତାଙ୍କ ପଛେ ପଛେ ଆସିଥିଲେ। ଏକୁଟିଆ ପାଇ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିବା ସହ ଅନ୍ୟ ଆଡ଼େ ନେଇ ଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଏତଲା ଦେଇଥିଲେ । ପୋଲିସ ଘଟଣାର ତଦନ୍ତ କରି ତ୍ରିନାଥଙ୍କୁ ଗିରଫ କରିଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରିଥିଲେ ।

# ଦୁଇ ମାସର ଶିଶୁପୁତ୍ର ୨ ହଜାରରେ ବିକ୍ରି

ବାରିପଦା ଅଫିସ/ସାରସକଣା, ୨୩।୮(ଡି.ଏନ.ଏ.)

ଦୁଇମାସର ଶିଶୁପୁତ୍ରକୁ ୨ହଜାର ଟଙ୍କାରେ ବିକ୍ରି କରାଯିବା ଘଟଣା ପଦାକୁ ଆସିବା ପରେ ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ପୋଲିସ ଶିଶୁ କିଣିଥିବା ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଶିଶୁ ବିକ୍ରି ନେଇ ରବିବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଚଳାଇ ରାଇରଙ୍ଗପୁର ଅଞ୍ଚଳରୁ ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛି। ଶିଶୁର ମା'ଙ୍କଠାରୁ ୨ହଜାର ୮୦ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଖାରପୋଖରିଆ ଥାନା ସାରସକଣା ଶଙ୍ଖାଭଙ୍ଗା ଅଞ୍ଚଳର ପ୍ରହ୍ଲାଦ ପ୍ରତିହାରୀ, ତାଙ୍କ ସ୍ତ୍ରୀ ଲିଜା ଏବଂ ୱେବ୍ ଖବରଦାତା ତପନ ଦଣ୍ଡପାଟ । ସୋମବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସାରସକଣା ବ୍ଲକ ଦାନାଦର ଅଞ୍ଚଳର ଜନୈକା ସ୍ୱାମୀ ପରିତ୍ୟକ୍ତା ମହିଳା ନିଜ ଶିଶୁପୁତ୍ର ସହ କୁଣ୍ଡଳବଣିଠାରେ ରହୁଥିଲେ। ଶିଶୁର ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ରବିବାର ନିକଟସ୍ଥ ଶୀର୍ଷା ଡାକ୍ତରଖାନାକୁ ଚିକିତ୍ସା କରିବାକୁ ଯାଇଥିଲେ। ଡାକ୍ତରଖାନାରୁ ଫେରିବା ପରେ ଅଭିଯୁକ୍ତ ତପନ ଜବରଦସ୍ତ ଏକ ଗାଡ଼ିରେ ମା' ପୁଅଙ୍କୁ ବସାଇ ନେଇଯାଇଥିଲେ। ମହିଳା ପ୍ରତିବାଦ



ଗିରଫ ୩ ଅଭିଯୁକ୍ତ।

**ଦମ୍ପତି ସମେତ ୩ କୋର୍ଟଚାଲାଣ**

କରିବାରୁ ସେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ପ୍ରହ୍ଲାଦ ଓ ଲିଜା ତାଙ୍କ ନିକଟରେ ପହଞ୍ଚି ଶିଶୁପୁତ୍ରର ଉନ୍ନତ ଚିକିତ୍ସା କରିବେ ବୋଲି ମହିଳାଙ୍କୁ ପ୍ରଲୋଭନ ଦେଖାଇଥିଲେ। ତେବେ ମହିଳାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ୨ହଜାର ନେଇ ଚିକିତ୍ସା ଲାଗି ଶିଶୁପୁତ୍ରଙ୍କୁ ଉକ୍ତ ଦମ୍ପତିଙ୍କ ହାତକୁ ଟେକି ଦେଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଶିଶୁପୁତ୍ର ନ ଫେରିବାରୁ ମହିଳା ଜଣକ ମାନସିକ ଭାରସାମ୍ୟ ହରାଇ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଭିଯୁକ୍ତ ତପନ ମଧ୍ୟ ପହଞ୍ଚିଥିଲେ। ମାତ୍ର ଉତ୍ତ୍ୟକ୍ତ ଲୋକେ ପୋଲିସ ଉପସ୍ଥିତିରେ ତପନଙ୍କୁ ମାଡ଼ ମାରିଥିଲେ। ପରେ ପୋଲିସ ତପନଙ୍କୁ ଉଦ୍ଧାର କରିବା ସହ ଶିଶୁପୁତ୍ରଙ୍କୁ ନେଇଥିବା ଦମ୍ପତିଙ୍କୁ ରାଇରଙ୍ଗପୁର ଅଞ୍ଚଳରୁ ଗିରଫ କରିଥିଲା।

ଗିରଫ ଦମ୍ପତି ୭ ବର୍ଷ ହେଲା ବିବାହ କରିଥିଲେ ହେଁ ସେମାନଙ୍କର କୌଣସି ସନ୍ତାନ ନ ଥିଲେ। ଏକ ପୋଷ୍ୟ ସନ୍ତାନ ଗ୍ରହଣ ଲାଗି ଉଭୟ ତପନଙ୍କ ସହ ଯୋଗାଯୋଗ କରିଥିଲେ। ଶିଶୁର ମା'ଙ୍କ ସହ କଥା ହୋଇ ପିଲାଟିକୁ ନେଇଥିଲେ ବୋଲି ଗିରଫ ଦମ୍ପତି କହିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୮୩/୨୧) ରଜୁହୋଇ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଶୁଭ୍ରାଂଶୁ ନାୟକ କହିଛନ୍ତି।

# ଗ୍ରାମ ପଞ୍ଚାୟତରେ ନିୟୋଜିତ ହେଲେ ବ୍ୟାଙ୍କ ସଖୀ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

କଟକ ଜିଲା ନରସିଂହପୁର ବ୍ଲକ୍ କାଠଖୁଣ୍ଟା ଗାଁର ଜଣେ ବୟସ୍କ ପେନ୍‌ସନ୍‌ଭୋଗୀ ଗଙ୍ଗା ନାୟକ କୁହନ୍ତି, ଟଙ୍କା ଉଠାଇବା ପାଇଁ ଗାଁ ଠାରୁ କିଛି କିଲୋମିଟର ଦୂରରେ ଥିବା ବ୍ୟାଙ୍କକୁ ଯିବା ପାଇଁ ଆଉ ଜଣଙ୍କ ସହାୟତା ନେଉଥିଲେ। ଅପହଞ୍ଚ ଅଞ୍ଚଳରେ ଗ୍ରାହକ ଅନୁକୂଳ ବିଜିନେସ୍ କରେସ୍‌ପଣ୍ଡେଣ୍ଟ ଏଜେଣ୍ଟ (ବ୍ୟାଙ୍କ ସଖୀ) ଏସ୍‌ଏଚ୍‌ଜିମାନଙ୍କ ଦ୍ୱାରା ସେବା ଯୋଗାଇ ଦିଆଯାଉଛି ବୋଲି ଜାଣି ନ ଥିଲେ। ବରିଷ୍ଠ ନାଗରିକଙ୍କୁ ଏଭଳି ନିଜ ଘର ନିକଟରେ ବ୍ୟାଙ୍କିଂ ସେବା ଯୋଗାଇ ଦେବାର ବ୍ୟବସ୍ଥା କରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହି ଗାଁର ବ୍ୟାଙ୍କ ସଖୀ ଭାବେ ନିୟୋଜିତ ସରସ୍ୱତୀ ମହାଳିକ କୁହନ୍ତି, କୋଭିଡ୍ ମହାମାରୀ ସମୟରେ ନିଜ ଘର ପାଖରେ ଏଭଳି ଅତ୍ୟାବଶ୍ୟକ ବ୍ୟାଙ୍କ୍ ସେବା ଯୋଗାଇବା ସ୍ଥାନୀୟ ଜନସାଧାରଣଙ୍କୁ ବେଶ୍ ଆଶ୍ୱସ୍ତି ପ୍ରଦାନ କରିଛି । ବ୍ୟାଙ୍କ ସଖୀ ଭାବେ ନିୟୋଜିତ ହେବା ପରଠାରୁ ସେ ନିଜ ପରିବାରର ରୋଜଗାର ବୃଦ୍ଧିରେ ମହତ୍ତ୍ୱପୂର୍ଣ୍ଣ ସହଯୋଗ କରିପାରିଛନ୍ତି ବୋଲି ସେ କହିଛନ୍ତି।

# ଦୋଛକିରେ ଜିଲା ଶିକ୍ଷା ବିଭାଗ

ଯାଜପୁର ଅଫିସ,୨୩।୮

**ନକଲି ଓଟିଇଟି ଶିକ୍ଷକ ମାମଲା**

- କାର୍ଯ୍ୟାନୁଷ୍ଠାନ ନେଇ ସହାୟତା ଲୋଡ଼ିଲେ ଡିଇଓ
- ୧୯ ଦିନ ପରେ ବି ମିଳିନି ଉତ୍ତର

ନକଲି ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପ୍ରମାଣପତ୍ର ଦାଖଲ କରି ଇନ୍‌କ୍ରିମେଣ୍ଟ ପାଇଥିବା ୩ ଶିକ୍ଷକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଜିଲା ଶିକ୍ଷା ବିଭାଗ ଦୋଛକିରେ ପଡ଼ିଛି। ଏଥିପାଇଁ ଯାଜପୁର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ପକ୍ଷରୁ ଗତ ୫।୮।୨୦୨୧ରେ ପତ୍ର ମାଧ୍ୟମରେ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହାୟତା ଲୋଡ଼ାଯାଇଛି। ତେବେ ଉକ୍ତ ପତ୍ର ପ୍ରେରଣ କରିବାର ୧୯ ଦିନ ବିତିଯାଇଥିଲେ ହେଁ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ନକଲି ପ୍ରମାଣପତ୍ର ଦାଖଲ କରି କରଦାତାଙ୍କ ଅର୍ଥରେ ଦରମା ପାଉଥିବା ଏଭଳି ଶିକ୍ଷକଙ୍କ ବିରୋଧରେ କୋହଳ ମନୋଭାବ ପୋଷଣ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ଭଦ୍ରକ ଜିଲାର ଅଭିମନ୍ୟୁ ବାରିକ ନକଲି ଓଟିଇଟି ଡିଗ୍ରୀଧାରୀ ଅନିୟ କୁମାର ବରାଳଙ୍କ ନାମରେ ୧୯।୩।୨୦୨୧ରେ ଯାଜପୁର ଜିଲା ଶିକ୍ଷାଧିକାରୀ ଏବଂ ୯।୬।୨୦୨୧ରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ସତ୍ୟବ୍ରତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ତଦନ୍ତରେ ବରାଳଙ୍କ ସମେତ ଅନ୍ୟ ୨ ଜଣ ଶିକ୍ଷୟିତ୍ରୀ ରେଜିଆ ସୁଲତାନା ଓ ଜୟନ୍ତୀ ସାହୁ ନକଲି ଓଟିଇଟି ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡ଼ିଥିଲା। ତେବେ ଜିଲା ଶିକ୍ଷାଧିକାରୀ ଏହି ୩ ଜଣଙ୍କ ବିରୋଧରେ କେଉଁ ଆଧାର ଓ ଆଇନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହାୟତା ଲୋଡ଼ିଛନ୍ତି। ଏହି ମର୍ମରେ ଦେଇଥିବା ପତ୍ରରେ ଶିକ୍ଷାଧିକାରୀ ଦର୍ଶାଇଛନ୍ତି ଯେ, ଲେଭଲ-ଭି (ଏକ୍ସ-କ୍ୟାଡର) ଶିକ୍ଷକମାନେ ସ୍କୁଲ ଓ ଗଣଶିକ୍ଷା ବିଭାଗର ନୋଟିଫିକେଶନ ନମ୍ବର ୨୫୨୯୦/ଏସଏମଇ/ ୨୨।୧୨।୨୦୧୬ରେ ନିଯୁକ୍ତି ପାଇଥିଲେ। ୩୧।୩।୨୦୧୯ ସୁଦ୍ଧା ଏହି ଶିକ୍ଷକମାନେ ଓଟିଇଟି ଡିଗ୍ରୀ ହାସଲ ନ କଲେ କୌଣସି ଇନକ୍ରିମେଣ୍ଟ ପାଇବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଥିଲା। ଏହାପରେ ସମ୍ପୃକ୍ତ ଶିକ୍ଷକମାନେ ବାର୍ଷିକ ଇନକ୍ରିମେଣ୍ଟ ପାଇବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଓଟିଇଟି ଉତ୍ତୀର୍ଣ୍ଣ ପ୍ରମାଣପତ୍ର ଦାଖଲ କରିଥିଲେ। ନକଲି ଇଟିଇଟି ପ୍ରମାଣପତ୍ର ନେଇ ଅଭିଯୋଗ ହେବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୧୯।୩।୨୦୨୧ରେ ପ୍ରମାଣପତ୍ରର ଯଥାର୍ଥତା ନେଇ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ବିଏସଇ)କୁ ପଠାଯାଇଥିଲା। ଏହାପରେ ବିଏସ୍‌ଇ ଉପରୋକ୍ତ ୩ ଜଣ ଶିକ୍ଷକ ଦାଖଲ କରିଥିବା ଓଟିଇଟି ପ୍ରମାଣପତ୍ର ବୋର୍ଡ ରେକର୍ଡରେ ମେଳ ଖାଉ ନ ଥିବାରୁ ତାହା ନକଲି ବୋଲି ସୂଚିତ କରିଥିଲେ। ଏହିକ୍ରମରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କିଏ କ୍ଷମତାପନ୍ନ ଅଧିକାରୀ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିଭଳି ହେବ ବୋଲି ସହାୟତା ଲୋଡ଼ାଯାଇଛି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5864/P.S.C., 1E-02-2021/22 (DR-III),** **Dt. 21.8.21**

**No. D-97:-** It is for information of all concerned that, the physical verification of original certificates, documents etc. and Viva Voce test in respect of **157 (One hundred fifty-seven)** candidates, who have qualified in Physical Standard Verification & Physical Endurance Test (Walking) held from 19.07.2021 to 28.07.2021 & 14.08.2021 for recruitment to the post of Assistant Conservator of Forest, Group-A (JB) & Forest Ranger, Group-B, pursuant to Advt. No.22 of 2018-19, will be held in the Office of the Commission at 19, Dr. P.K. Parija Road, Cuttack-753001 from **03.09.2021 to 14.09.2021** as per the programme detailed below.

PROGRAMME OF DOCUMENT VERIFICATION & VIVA VOCE TEST

| Sl. No. | Date | Time of verification | Time of Viva Voce test | Roll numbers of candidates | Boards |
|---|---|---|---|---|---|
| 1. | 03.09.2021 | 9.00 A.M. | 11.00 A.M. | 100020, 100585, 100699, 100718, 100767 & 200271 = **06 candidates** | Board-I |
| | | | | 200729, 200822, 200992, 300057, 300103 & 300115 = **06 candidates** | Board-II |
| | | 2.00 P.M. | 3.30 P.M. | 300123, 300137, 300165 & 300290 = **04 candidates** | Board-I |
| | | | | 300334, 300335, 300336 & 300367 = **04 candidates** | Board-II |
| 2. | 04.09.2021 | 9.00 A.M. | 11.00 A.M. | 300418, 300434, 300474, 300478, 300483 & 300601 = **06 candidates** | Board-I |
| | | | | 300721, 300725, 300765, 300781, 300786 & 300811 = **06 candidates** | Board-II |
| | | 2.00 P.M. | 3.30 P.M. | 300923, 301039, 301080 & 301175 = **04 candidates** | Board-I |
| | | | | 301202, 301256, 301349 & 301438 = **04 candidates** | Board-II |
| 3. | 06.09.2021 | 9.00 A.M. | 11.00 A.M. | 301457, 301477, 301504, 301519, 301543 & 301548 = **06 candidates** | Board-I |
| | | | | 301655, 301954, 302002, 302071, 302141 & 302418 = **06 candidates** | Board-II |
| | | 2.00 P.M. | 3.30 P.M. | 302609, 302625, 302665 & 302801 = **04 candidates** | Board-I |
| | | | | 302810, 302827, 302841 & 302870 = **04 candidates** | Board-II |
| 4. | 07.09.2021 | 9.00 A.M. | 11.00 A.M. | 302875, 303012, 303022, 303043, 303057 & 303145 = **06 candidates** | Board-I |
| | | | | 303277, 303310, 303443, 303453, 303495 & 303523 = **06 candidates** | Board-II |
| | | 2.00 P.M. | 3.30 P.M. | 303583, 303616, 303646 & 303687 = **04 candidates** | Board-I |
| | | | | 303737, 303751, 303910 & 304110 = **04 candidates** | Board-II |
| 5. | 08.09.2021 | 9.00 A.M. | 11.00 A.M. | 304219, 304226, 304336, 304351, 304409 & 304485 = **06 candidates** | Board-I |
| | | | | 304522, 304527, 304678, 304740, 304771 & 304812 = **06 candidates** | Board-II |
| | | 2.00 P.M. | 3.30 P.M. | 304878, 304929, 304931 & 304942 = **04 candidates** | Board-I |
| | | | | 304944, 304963, 304967 & 304978 = **04 candidates** | Board-II |
| 6. | 09.09.2021 | 9.00 A.M. | 11.00 A.M. | 305026, 305101, 305135, 305164, 305188 & 305305 = **06 candidates** | Board-I |
| | | | | 305346, 305364, 305466, 305513, 305516 & 305539 = **06 candidates** | Board-II |
| | | 2.00 P.M. | 3.30 P.M. | 305541, 305570, 305694 & 305712 = **04 candidates** | Board-I |
| | | | | 305817, 305952, 305965 & 305997 = **04 candidates** | Board-II |
| 7. | 13.09.2021 | 9.00 A.M. | 11.00 A.M. | 306047, 306068, 306104, 306195, 306214 & 306223 = **06 candidates** | Board-I |
| | | | | 400013, 400116, 400144, 400156, 400316 & 400373 = **06 candidates** | Board-II |
| | | 2.00 P.M. | 3.30 P.M. | 400374, 400395, 400396 & 400471 = **04 candidates** | Board-I |
| | | | | 400591, 400826, 400835 & 400848 = **04 candidates** | Board-II |
| 8. | 14.09.2021 | 9.00 A.M. | 11.00 A.M. | 400921, 401041, 401118, 401121, 401234 & 500089 = **06 candidates** | Board-I |
| | | | | 500313, 500340, 500503, 500605, 500839, 500932 = **06 candidates** | Board-II |
| | | 2.00 P.M. | 3.30 P.M. | 501006 & 501016 = **02 candidates** | Board-I |
| | | | | 501244, 501493 & 501534 = **03 candidates** | Board-II |

The candidates are also required to bring the following documents on the day of verification.

LIST OF ORIGINAL DOCUMENTS TO BE FURNISHED IN THE FOLLOWING ORDER

1. Hard copy of **online application form** (indicating their Roll Nos. at the top right corner);
2. "**Attestation Form**" and "**Bio-data Form**" duly filled-in (to be downloaded from website of the Commission);
3. H.S.C. or equivalent certificate in support of declaration of age issued by the concerned Board/ Council;
4. Bachelor' s Degree certificate from a recognized University or Institution in India;
5. Two recent passport size photographs (unsigned and unattested) which has been uploaded with Online Application Form;
6. Caste Certificate in support of claim as SC/ST/SEBC, wherever applicable;
7. Candidates of S.E.B.C. category (other than Creamy Layer) must have to submit Caste Certificate by birth issued by the Competent Authority (issued within 3 years);
8. Aadhaar Card in original and its photocopy duly attested by the candidate;
9. Odia Test Pass Certificate;
10. Discharge certificate of Ex-serviceman issued by the Commanding Officer of the unit last served. Ex-serviceman to submit an affidavit that he has not been appointed against any post after retirement from military service.
11. Identity Card of Sports Persons issued by the Director of Sports, Odisha, wherever applicable;
12. OPSC copy of original Bank Challan showing payment of examination fees, wherever applicable;
13. No objection Certificate (in case of in-service candidates), wherever applicable.

**N.B. : - The candidates are advised to report in the office of the Commission half an hour before the commencement of verification on their scheduled date and time as mentioned above.**

SPECIAL INSTRUCTIONS & GUIDELINES FOR CANDIDATES

a) It is also made clear that, the candidature of these candidates for this recruitment is **purely provisional**. The candidature is liable to rejection in the event of inadequacy/deficiency if found at any stage before or after the verification of original certificates.
b) **Mere participation in the document verification does not reserve any right to appear the Viva Voce test** subject to fulfillment of their eligibility in all respect as per verification of original certificates/documents.
c) The candidates should bring their own water bottles, sanitizer bottles and wear mask properly. No candidates shall be permitted to the document verification without Mask,
e) Every candidate should maintain social distancing norms of 6 feet while coming for verification process & Viva Voce test.
f) No candidate should be accompanied by any guardian or parent. Entry to the premises will be for candidates only.

OIPR-12002/11/0065/2122 **Sd./- Secretary**

## ସଂକ୍ଷେପରେ

### ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧ ଦିବସ ପାଳିତ

ରାୟଗଡ଼ା ଅଫିସ, ୨୩।୮- ଶ୍ରମିକ ନେତା ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ଶ୍ରାଦ୍ଧ ଦିବସ ସୋମବାର ସ୍ଥାନୀୟ ଠକ୍କର ବାପା ଆଶ୍ରମଠାରେ ପାଳିତ ହୋଇଛି। ପ୍ରତାପ ପଣ୍ଡା ସ୍ମୃତି ସଂସଦ ପକ୍ଷରୁ ଖଗେଶ୍ୱର ସିଂ ଏବଂ ଉଷାରାଣୀ ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାର ଯୁବ ସଙ୍ଗଠକ ବିନାୟକ କର, ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଏବଂ ଅଧ୍ୟାପକ ସୁଧାଂଶୁ ଗନ୍ତାୟତ ଯୋଗଦେଇ ରାଜ୍ୟରେ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ଦିଗରେ ଦିବଂଗତ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଅବଦାନକୁ ମନେ ପକାଇଥିଲେ। ଏହି ଉପଲକ୍ଷେ ଶ୍ରମିକମାନଙ୍କ ଦ୍ୱାରା ଶ୍ରମିକ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ସ୍ମୃତି ସଂସଦ ପକ୍ଷରୁ ମଜଦୁର ସଂଘର ଜିଲା ସମ୍ପାଦକ ଖଗେଶ୍ୱର ସିଂ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅମର ଜେନା, ଘାସିରାମ ଜୟ ସିଂ, ପ୍ରଳୟ ସାହୁ, କସ୍ତୁରୀ ନାୟକ, ଆନନ୍ଦ ରାଉଳ, ରବି ଗୌଡ଼, ମନୋରମା ବେନିୟା, ପଦ୍ମିନୀ ପଡ଼ିଆରି, ଗୌରୀ ନାୟକ, ପରିଚାଳନା କରିଥିଲେ। ଜେକେପୁରଠାରେ ମଧ ଜେକେ ପେପର ମିଲ୍ ମଜଦୂର ସଂଘ ପକ୍ଷରୁ ଶ୍ରମିକ ନେତାଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆର୍.କେ. ସ୍ୱାଇଁ, କେ. ଜଗନ୍ନାଥ ରାଓ, ଏନ୍. ସତ୍ୟମଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

### ସ୍କୁଲରେ ଚାରାରୋପଣ ୟୁଟ୍ୟୁବ୍ କ୍ଲାସ୍ ନେଇ ଆଲୋଚନା କଲେ ବିଇଓ

ଗୁଣପୁର, ୨୩।୮ (ଡି.ଏନ.ଏ)-ରାୟଗଡ଼ା ଜିଲା ଗୁଣପୁର ସହରସ୍ଥିତ ସାନ ଆର୍ସିଂଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବିଇଓ ଅନ୍ତର୍ଯାମୀ ବେହେରା ମୁଖ୍ୟ ଅତଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ସଞ୍ଜୀବ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ କଳାବତି ବାଉରି ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଉନ୍ନତି ଏବଂୟୁଟ୍ୟୁବ୍ କ୍ଲାସ୍ ସଂପର୍କରେ ବିଇଓ ଆଲୋଚନା କରିଥିଲେ।

### ବାଉରିସାହି ପୂଜା କମିଟି ପକ୍ଷରୁ ଦାବିପତ୍ର
#### ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି

ଗୁଣପୁର, ୨୩।୮ (ଡି.ଏନ୍.ଏ.)- ବଂଶଧାରା ନଦୀ ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିରେ ଚାଲିଥିବା ଆନ୍ଦୋଳନ ସୋମବାର ୨୩ ଦିନରେ ପହଞ୍ଚିଛି। ଏହି ଅବସରରେ ଗୁଣପୁର ସହର ବାଉରୀ ସାହି ପୂଜା କମିଟି ପକ୍ଷରୁ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଡେପୁଟି କଲେକଟର ନିରଞ୍ଜନ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଦାବି ହୋଇଛି।

### ନିର୍ବାଚନ ଆଗରୁ ଦଳକୁ ସୁଦୃଢ଼ କରିବାକୁ ଗୁରୁତ୍ୱ
#### ପଡ଼ିଆରେ ବିଜେଡିର କର୍ମୀ ସମ୍ମିଳନୀ




ପଡ଼ିଆ, ୨୩।୮ (ଡି.ଏନ୍.ଏ.)- ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମାଲକାନଗିର ଜିଲା ପଡ଼ିଆ ବ୍ଲକରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ସିଙ୍ଗା ମାଡକାମି, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସାଥୀ ବିଶ୍ୱାସ, ଦଳୀୟ କର୍ମୀ ନାକା ନୁକାଲ, ମାଦ୍ରି ମେସାକ, ଚିନାମ ଏଙ୍ଗେଲି, ବିଷୋୟୀ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ୮ ପଞ୍ଚାୟତର ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ଦଳକୁ କିପରି ସୁଦୃଢ଼ କରିବା, ଲୋକଙ୍କ ନିକଟରେ ବିକାଶ ମୂଳକ ଯୋଜନା ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଅନ୍ୟ ଦଳର ୨ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ୧୫,୩୭୦ ହେକ୍ଟର ଜମିରେ ଫସଲ ଉତ୍ପାଦନ ଲକ୍ଷ୍ୟ

## ଠିକ୍ ସମୟରେ ସାର, ବିହନ ଯୋଗାଇବାକୁ ଦାବି

ମୁନିଗଡ଼ା, ୨୩।୮ (ଡି.ଏନ୍.ଏ.)

ଚଳିତ ଖରିଫ ଋତୁରେ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ୧୫,୩୭୦ ହେକ୍ଟର ଜମିରେ ବିଭିନ୍ନ ଫସଲ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୪୭୩୦ହେକ୍ଟର ଧାନଚାଷ ଓ ୧୦,୬୪୦ ହେକ୍ଟର ଅଣଧାନ ଚାଷ ନିମନ୍ତେ ଜମି ପ୍ରସ୍ତୁତ କରାଯାଇଛି। ସମୁଦାୟ ଚାଷ ଜମି ମଧ୍ୟରୁ ୫୯୦୧ହେକ୍ଟର ଜଳସେଚିତ ଜମିରେ ପୂର୍ବରୁ କେବଳ ଧାନଚାଷ ହେଉଥିବା ବେଳେ ଏଥିମଧ୍ୟରୁ ଏ ବର୍ଷ ୧୨୨୦ ହେକ୍ଟର ଅଣଧାନ କୃଷି ପାଇଁ ପରିବର୍ତ୍ତନ କରାଯାଇ ବିଭିନ୍ନ ଅର୍ଥକରୀ ଫସଲ ଉପରେ ଗୁରୁତ୍ୱ ଦିଆଯାଇଥିବା ବ୍ଲକ କୃଷି ଅଧିକାରୀ ରବି ଶବରଙ୍କ ଠାରୁ ସୂଚନା ମିଳିଛି।

ଏହି କ୍ରମରେ ମୁନିଗୁଡ଼ାଠାରେ ୧୭ ପଞ୍ଚାୟତର ୧୩ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ ଭାଗଚାଷୀ ପରିବାର ମୁଖ୍ୟତଃ ଧାନ, ମାଣ୍ଡିଆ, କପା, କାନ୍ଦୁଲ, ମକା, ତୈଳବୀଜ ଜାତୀୟ ଚାଷ ସହ ପନିପରିବା, ପାରମ୍ପରିକ ଜଙ୍ଗଲ ଓ ଡଙ୍ଗର ଜାତୀୟ କୃଷି ଏବଂ ଉଦ୍ୟାନକୃଷି ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ବ୍ଲକରେ ୧୮୩୦ହେକ୍ଟର ଜମିରେ ଉନ୍ନତ କିସମର ବିରି ଚାଷ ପାଇଁ ଭୈରବଗଡ଼ ପଞ୍ଚାୟତର ଲଦିପଙ୍ଗା, ବାଇନିବଶା ଓ ଜଗଦଲପୁର ପଞ୍ଚାୟତର ଗୁଣ୍ଡୁରିଗୁଡ଼ା ଅଞ୍ଚଳରେ ଜମି ପ୍ରସ୍ତୁତ କରାଯାଇଛି। ସେହିପରି ମୁଗଚାଷ ପାଇଁ ୩୦ହେକ୍ଟର ଓ ତୈଳବୀଜ ଜାତୀୟ ଚାଷ ଅଳସୀ, ସୂର୍ଯ୍ୟମୁଖୀ, ରାଶି ଓ ଜଡ଼ା ଚାଷ କରିବା ପାଇଁ ୮୨୦ହେକ୍ଟର ଜମିରେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଥିବା ଜଣାଯାଏ। ଅବଶିଷ୍ଟ ଜମିରେ ଉଦ୍ୟାନ କୃଷି ଓ ଡଙ୍ଗର କୃଷି ଚାଷ ପାଇଁ ମାଣ୍ଡିଆ, ମକା, ବାଜରା, ସୁଆଁ, କୋଶଲା, କପା ଆଦି ଚାଷ ହୋଇଥାଏ। ଏଥିପାଇଁ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ କିସମର ଧାନ, ଡାଲି ଓ ଅନ୍ୟ ଜାତୀୟ ବିହନ ଯୋଗାଇ ଦିଆଯାଇଛି। ମୁନିଗୁଡ଼ାକୁ ଆବଶ୍ୟକ ୧୫୪୦ କୁଇଣ୍ଟାଲ ଧାନ ବିହନ ମଧ୍ୟରୁ ୧୦୦୧, ୧୦୧୦, ଲଲାଟ, ବୀଣା, ନବୀନ, ପ୍ରତୀକ୍ଷା, ଆର୍‌ଜିଏଲ୍ ୨୫୩୭-୨୫୩୮, ଡିଆର୍‌ଆର୍ ୩୯-୪୧ କିସମର ଧାନ ବିହନ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ମିଳିଥିଲେ ମଧ୍ୟ ପୂଜା ବିହନ ଚାଷୀଙ୍କ ପସନ୍ଦ ଥିଲା। ତେଣୁ ବିଭାଗ ଚାଷୀଙ୍କୁ ଏହି ବିହନ ଯୋଗାଇଥିବା ବ୍ଲକ କୃଷି ଅଧିକାରୀ କହିଛନ୍ତି। ସେହିପରି ବ୍ଲକର ୧୨ ସ୍ୱୀକୃତିପ୍ରାପ୍ତ ଡିଲର ଓ ୨ଲ୍ୟାମ୍ପସ ଗୋଦାମରେ ୧୧୬ ମେଟ୍ରିକ ଟନ୍ ୟୁରିଆ, ୯୦.୭୫ ମେଟ୍ରିକ ଟନ ପଟାସ ଓ ୯୭.୬୫ ମେଟ୍ରିକ୍ ଟନ୍ ଡିଏପି ସାର ମହଜୁଦ ଅଛି। ତେବେ ମୁନିଗୁଡ଼ାରେ ଗଚ୍ଛିତ ଥିବା ସାର ପର୍ଯ୍ୟାପ୍ତ ନୁହେଁ। କେବଳ ଧାନଚାଷ ପାଇଁ ବ୍ଲକରେ ୪୨୫.୭୦ ମେଟ୍ରିକ ଟନ ୟୁରିଆ ଆବଶ୍ୟକ ହୋଇଥାଏ। ତେଣୁ ଆବଶ୍ୟକ ସାର ନିର୍ଦ୍ଧାରିତ ସମୟ ପୂର୍ବରୁ ଚାଷୀଙ୍କୁ ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି କୃଷି ଅଧିକାରୀ କହିଛନ୍ତି। ୩ ଦିନ ହେଲା ମୁନିଗୁଡ଼ାରେ ଭଲ ବର୍ଷା ଆରମ୍ଭ ହୋଇଛି। ତେଣୁ ଚାଷୀ ଉତ୍ସାହିତ ହୋଇ ଚାଷକାମ ଆରମ୍ଭ କରିଛନ୍ତି। ଠିକ୍ ସମୟରେ ସାର ନ ମିଳିଲେ ଚାଷ କାର୍ଯ୍ୟରେ ସମସ୍ୟା ହେବା ଆଶଙ୍କା ରହିଛି। ଗତବର୍ଷ କୃଷି ବିଭାଗର ନିୟନ୍ତ୍ରଣ ଅଭାବରୁ ୟୁରିଆ ଅଭାବ ଦେଖାଦେଇଥିଲା। ଅସାଧୁ ଡିଲରଙ୍କ ଜରିଆରେ ଅଣଚାଷୀଙ୍କ ହାତକୁ ୟୁରିଆ ଚାଲିଯିବାରୁ କଳାବଜାର କରାଯାଇଥିଲା। ଏହାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ବର୍ଷ କଳାବଜାର ରୋକିବା ସହ ଠିକ୍ ସମୟରେ ସାର, ବିହନ, କୀଟନାଶକ, କୃଷି ଯନ୍ତ୍ରପାତି ଓ ଉଚିତ ପରାମର୍ଶ ଯୋଗାଇଦେଲେ ଚାଷୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

# କୋରୁକୋଣ୍ଡା ବ୍ଲକରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ



କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମିନୀ ଦିଆନ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ପ୍ରଦାନ କରୁଛନ୍ତି ।

କୋରୁକୋଣ୍ଡା, ୨୩।୮ (ଡି.ଏନ୍.ଏ.)

ମାଲକାନିଗିରି ଜିଲା କୋରୁକୋଣ୍ଡା ବ୍ଲକରେ ସୋମବାର ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ବ୍ଲକର ଚିତାପାରି-୩ ପଞ୍ଚାୟତରୁ ଏହାର ଶୁଭରମ୍ଭ ହୋଇଥିଲା। କାମ୍ୱେଡ଼ା ଏବଂ ମେଟା ପଞ୍ଚାୟତରେ ମଧ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଥିଲା। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ମାନସ ମାଡ଼କାମି, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡ଼ିଆମି, କୋରୁକୋଣ୍ଡା ସରପଞ୍ଚ ବଂଶୀଧର ମୁଦୁଲି, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ସତ୍ୟ ନାରାୟଣ ପାଣିଗ୍ରାହୀ, ଉପସ୍ଥିତ ଥିଲେ। କୋରୁକୋଣ୍ଡା ବିଡିଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ମାର୍ଟ କାର୍ଟ ବଣ୍ଟନ କରାଯାଇଥିଲା। ଏହି କାର୍ଡ କୋରୁକୋଣ୍ଡା ବ୍ଲକର ଚିତାପାରି-୩ ପଞ୍ଚାୟତରେ ୩ କେନ୍ଦ୍ର ମାଧ୍ୟମରେ ୧୩୯୬ ହିତାଧିକାରୀ ପାଇବାକୁ ଥିବାବେଳେ ସୋମବାର ୧୦୦ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି। ସେହିପରି କାମୱାଡ଼ା ପଞ୍ଚାୟତର ୧୩୭୯ ହିତାଧିକାରୀଙ୍କୁ ୩ ସେଣ୍ଟର ମାଧ୍ୟମରେ କାର୍ଡ ବଣ୍ଟନ କରିବାକୁ ଯୋଜନା କରାଯାଇଥିବା ବେଳେ ପ୍ରଥମ ଦିନରେ ୬୦ ଜଣଙ୍କୁ ସ୍ମାଟ କାର୍ଡ ଦିଆଯାଇଛି। ଏଥିରେ ଡୁଡାମେଟା ପଞ୍ଚାୟତର ୧୧୪୧ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

# ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ମିଳିଲା ସ୍ମାର୍ଟ କାର୍ଡ





ମାଲକାନଗିରିଠାରେ ସ୍ମାର୍ଟକାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିମାନେ । ଚିତ୍ରକୋଣ୍ଡାରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ମାର୍ଟକାର୍ଡ ପ୍ରଦାନ କରୁଛନ୍ତି ।

ମାଲକାନଗିରି/ଚିତ୍ରକୋଣ୍ଡା, ୨୩।୮ (ଡି.ଏନ୍.ଏ.)

ମାଲକାନଗିରି ବ୍ଲକର ଗଙ୍ଗଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଡିଜିଟାଲ ସ୍ମାର୍ଟ କାର୍ଡ଼ ବଣ୍ଟନ କରାଯାଇଛି। ଏଥିରେ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଜିଲା ପରିଷଦ ସଭ୍ୟ ଦହନା ଟାଙ୍ଗୁଲୁ, ସମିତିସଭ୍ୟ ଡାନେଲ ପୋଟଲା, ଏମ୍‌ପିଙ୍କ ପ୍ରତିନିଧି କାମେଶ୍ୱର ରାଓଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ଓ ଗଙ୍ଗଲା ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲା ପ୍ରଶାସନ ପକ୍ଷରୁ ମାଲକାନଗିରି ତହସିଲଦାର ଗୁଣନିଧି ନାୟକ କାର୍ଡ ବଣ୍ଟନରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବିଭାସୁ ସାମଲ, ତାପସ ରଞ୍ଜନ ନାୟକ, ବିଜୟ ବୁରୁଦା ପ୍ରମୁଖ ଉପସ୍ଥିତ ଥିଲେ।

କ୍ରୀଡ଼ା ମନ୍ତ୍ରୀ ତୁଷାରିକାନ୍ତି ବେହେରା ସୋମବାର ତୃତୀୟ ଦିନରେ ଚିତ୍ରକୋଣ୍ଡା ବ୍ଲକର ୩ ସ୍ଥାନରେ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି। ଦୋରାଗୁଡ଼ା ପଞ୍ଚାୟତ ଆର୍‌ଏସସି ଛ ନମ୍ବର, ଗୁଣ୍ଠାୱା ଏବଂ ସ୍ଥାନୀୟ ଚିତ୍ରକୋଣ୍ଡା ୟୁପି ସ୍କୁଲଠାରେ ପହଞ୍ଚି ତିନି ଦୋରାଗୁଡା, ଗୁଣ୍ଠାବେଢ଼ା ଏବଂ ଚିତ୍ରକୋଣ୍ଡା ପଞ୍ଚାୟତର ହିତାଧିକାରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ଗୁଣ୍ଠାବେଢା, ଦୋରାଗୁଡ଼ା ପଞ୍ଚାୟତର ୩୦୦ ହିତାଧିକାରୀ ଓ ଚିତ୍ରକୋଣ୍ଡା ପଞ୍ଚାୟତର ୧୬୮୩ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ଼ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଏଡିଏମ୍ ବିରସେନ ପ୍ରଧାନ, ଚିତ୍ରକୋଣ୍ଡା ବିଡିଓ ରାହୁଲ ମଣ୍ଡଳ, ତହସିଲଦାର ଟି. ପଦ୍ମନାଭ ଦୋରା ଏବଂ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତ ମଞ୍ଚାସୀନ ଥିଲେ। ପରେ ମନ୍ତ୍ରୀ ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୫-ଟି କାର୍ଯ୍ୟକ୍ରମରେ ଚାଲିଥିବା ସ୍ମାର୍ଟ ସ୍କୁଲ କାର୍ଯ୍ୟ ଏବଂ ସ୍ୱାଭିମାନ ଅଞ୍ଚଳକୁ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବ୍ଲକ ଜିପିଓ ହେମନ୍ତ କୁମାର ଭୂୟାଁ, ମୁଖ୍ୟ ବରିଷ୍ଠ କିରାଣି ତିରୁପତି ପ୍ରସାଦ ବେଗୁରାଇ, ପିଇଓ ବାଳକୃଷ୍ଣ ଦେହୁରୀ, ସହାୟକ ଯନ୍ତ୍ରୀ ଉମାଶଙ୍କର ସାହୁ, କନିଷ୍ଠ ଯନ୍ତ୍ରୀ ନୟନ ସରକାର, ଦୋରାଗୁଡ଼ା ପିଇଓ ରାମେଶ୍ୱର ପୂଜାରୀ, ଜିଆର୍‌ଏସ ସୁବାସ ଗୁଡ଼ିଆ ପ୍ରମୁଖ ପରିଚାଳନା କରିଥିଲେ।

# ପୁରୀ-ଗୁଣପୁର-ପୁରୀ ଟ୍ରେନ୍ ଚାଲିବା ନେଇ ଆଶଙ୍କା
## ଅଫ୍‌ଲାଇନ ଟିକେଟ ଦାବି

ଗୁଣପୁର, ୨୩।୮ (ଡି.ଏନ୍.ଏ.)

ପୁରୀ-ଗୁଣପୁର-ପୁରୀ ଟ୍ରେନ୍ ଅଗଷ୍ଟ ୨୮ରୁ ୪ ଦିନ ଉଭୟ ପଟୁ ଚଳାଚଳ ବନ୍ଦ ରହିବ। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରେନ୍‌ରେ କମ୍ ସଂଖ୍ୟାରେ ଯାତ୍ରୀ ହେଉଥିବାରୁ ଏହି ଟ୍ରେନ୍‌କୁ ଆଂଶିକ ଭାବେ ୪ ଦିନ ପାଇଁ ବନ୍ଦ କରାଯାଇଥିବା ଜଣାପଡ଼ିଛି। ଏହା ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳବାସୀଙ୍କୁ ନିରାଶ କରିଛି। କରୋନାର ଦ୍ୱିତୀୟ ଲହର ଆରମ୍ଭ ହେବା ପରେ ଏହି ଟ୍ରେନ୍ ଚାଳଚଳ ବନ୍ଦ ରହିଥିଲା। ଅଗଷ୍ଟ ୧୬ ରୁ ଏହି ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଏବେ ପୁଣି ୪ ଦିନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍‌ଲାଇନ ଟିକେଟ ବ୍ୟବସ୍ଥା ଯୋଗୁ ଆଦିବାସୀ ଅଧୁଷିତ ଅଞ୍ଚଳବାସୀ ବିଭିନ୍ନ ଦୋକାନକୁ ଯାଇ ଟିକେଟ ସଂରକ୍ଷିତ କରିବା ଦ୍ୱାରା ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ସେମାନେ ବସ୍‌ରେ ଯାତ୍ରା କରିବାକୁ ସୁବିଧା ମଣୁଛନ୍ତି। ଏହାଦ୍ୱାରା ଟ୍ରେନ୍‌ରେ ଯାତ୍ରୀଙ୍କ ସଂଖ୍ୟା କମିବା ସହ ରେଳପଥକୁ ରାଜସ୍ୱ କ୍ଷତି ସହିବାକୁ ପଡୁଛି। ତେଣୁ ପୁରୀ-ଗୁଣପୁର-ପୁରୀ ଏବଂ ରାଜ୍ୟରାଣୀ ଏକ୍ସପ୍ରେସ୍‌ରେ ପୂର୍ବଭଳି ଅଫ୍‌ଲାଇନ ଟିକେଟ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ସାର କଳାବଜାର ରୋକିବାକୁ ଦାବି



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଚାଷୀମାନେ ।

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ୮ ପଞ୍ଚାୟତର ଚାଷୀ

ରାୟଗଡ଼ା ଅଫିସ, ୨୩।୮

ସାର କଳାବଜାର ଯୋଗୁ ଚାଷୀଙ୍କୁ ସୁବିଧାରେ ମିଳୁନି ସାର। ଫଳରେ ଚାଷକାମରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତବାସୀ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୟୁରିଆ ଯୋଗାଇବା ଏବଂ କଳାବାଜରକୁ ରୋକିବାକୁ ସେମାନେ ଦାବି କରିଛନ୍ତି। ଚଳିତ ଖରିଫ ଋତୁରେ ଶତାଧିକ ଏକର ଜମିରେ ଧାନ ଓ କପା ଚାଷ କରି ଚାଷୀ ପରିବାର ଚଳାଉଛନ୍ତି। ଉତ୍ପାଦନ ବୃଦ୍ଧି ନିମନ୍ତେ ମୁଖ୍ୟତଃ ୟୁରିଆର ଆବଶ୍ୟକତା ଥିବାବେଳେ ୟୁରିଆ ମିଳୁ ନ ଥିବା ଚାଷୀମାନେ ଜଣାଇଛନ୍ତି। ଚାଷକାମ ପାଇଁ ଏହି ମାସ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସାର ପ୍ରୟୋଗ ନ କରାଗଲେ ସବୁ ଗଛ ନଷ୍ଟ ହୋଇଯିବ। କେତେକ ଅସାଧୁ ବ୍ୟବସାୟୀ ସାର କଳାବଜାର କରୁଛନ୍ତି। ତେଣୁ ସପ୍ତାହ ମଧ୍ୟରେ ୟୁରିଆ ଏବଂ ଅନ୍ୟ ସାର ଯୋଗାନ୍ତୁ। ନଚେତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କୋଲନରା ସଦର ପଞ୍ଚାୟତ ସମେତ ବଡ଼ ଖିଲାପଦର, ସୁରି, ଥେରୁବାଲି, ଖଦୋପଡ଼ା, ଡୁମୁରିଗୁଡ଼ା, କାର୍ତ୍ତିକଗୁଡ଼ା, ଗାଡ଼ି ଶେଷଖାଲର ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ଚାଷୀ ଭୂଷଣ ହୁଇକାଙ୍କ ନେତୃତ୍ୱରେ ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ଜଣାଇଥିଲେ। ଅନ୍ୟ ଚାଷୀଙ୍କ ମଧ୍ୟରେ ସଞ୍ଜୟ କାଡ୍ରାକା, ସନ୍ତୋଷ ହୁଇକା, ରାମଚନ୍ଦ୍ର ହୁଇକା ପ୍ରମୁଖ ଉପସ୍ଥିତ ଥିଲେ।

# କାଳିମେଳା ଡାକ୍ତରଖାନାକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା ଦାବି

## ରୋଗୀ କଲ୍ୟାଣ ସମିତି ବୈଠକ

କାଳିମେଳା, ୨୩।୮ (ଡି.ଏନ୍.ଏ.)-

ମାଲକାନଗିରି ଜିଲା କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳିମେଳା ଚିକିତ୍ସା କେନ୍ଦ୍ରର ମେଡିକାଲ ଅଫିସର ଡା. ଏମ୍.ଏମ୍. ଅବିଦ ହୁସେନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଯୋଗ ଦେଇଥିଲେ। ବୈଠକରେ କାଳିମେଳା ଜୋନ୍-୨ର ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, କାଳିମେଳା ଜିଲା ପରିଷଦର ଜୋନ୍-୧ର ସଭ୍ୟ ସମୀର ମିସ୍ତ୍ରି, ବିଧାୟକଙ୍କ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିକାଶ ମିଶ୍ର, କିରାଣି ସୁକାନ୍ତ ସାହୁ, ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପିଥୋ ସୁରେନ, ସହ ଶିକ୍ଷାଧିକାରୀ ଚିନ୍ତା ହରଣ ମଧୁ, ଆଇସିଡିଏସ୍‌ର ସିନିୟର ଆସିଷ୍ଟାଣ୍ଟ ଦୁଲାଲ ସେନାପତି, ସାମାଜିକ କର୍ମୀ ରତ୍ନାକର ପାଣିଗ୍ରାହୀ ଓ ବିଶିକେଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ସହ ଆବଶ୍ୟକ ଆସବାବ ପତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରୋଗୀ କଲ୍ୟାଣ ସମିତି ପାଣ୍ଠିରୁ ୧୭ ଲକ୍ଷ ଟଙ୍କାର ସାମଗ୍ରୀ କ୍ରୟ କରିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ଡାକ୍ତର ଓ ଷ୍ଟାଫ୍ ନର୍ସ ନିଯୁକ୍ତି କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଏହାର ଭିତ୍ତିଭୂମି ବିକାଶ କରି ଏହାକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର କରିବା ନିମନ୍ତେ ଦାବି ହୋଇଛି।




ବୈଠକରେ ଉପସ୍ଥିତ ମେଡିକାଲ ଅଫିସର ଓ ଅନ୍ୟମାନେ ।

# ଦୁଇ ଟ୍ରାକ୍ଟରକୁ ୪୫ ହଜାର ଜରିମାନା

ଗୁଣପୁର, ୨୩।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ବଂଶଧାରା ନଦୀରୁ ବେଆଇନ ବାଲି ଚାଲାଣବେଳେ ୨ ଟ୍ରାକ୍ଟର ଜବତ କରାଯାଇଛି। ଦୁଇଟି ଟ୍ରାକ୍ଟରରୁ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଶରତ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ବାଲି ଚାଲାଣ ନେଇ ପୋଲିସ ଏବଂ ତହସିଲଦାର ସୂଚନା ପାଇ ଚଢ଼ାଉ କରିଥିଲେ। ଗୋଟିଏ ଗାଡ଼ିରୁ ୨୦ ହଜାର ଏବଂ ଅନ୍ୟଟିରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି।

# କୁଡୁମୁଲୁଗୁମ୍ମାରେ ବିଏସ୍‌କେୱାଇ ହେଲ୍‌ଥ କାର୍ଡ ପ୍ରଚାର ରଥ

କୁଡୁମୁଲୁଗୁମ୍ମା, ୨୩।୮ (ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ୧୮ ତାରିଖରେ ମାଲକାନଗିରି ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସ୍ମାର୍ଟ କାର୍ଡ ବଣ୍ଟନ ଆରମ୍ଭ କରିଛନ୍ତି। ଏହି ସ୍ମାର୍ଟ କାର୍ଡର ବିଷୟରେ ସମ୍ପୂର୍ଣ୍ଣ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର ବ୍ୟବହାର ବିଷୟରେ ସଚେତନ କରିବାକୁ ପ୍ରଚାର ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ସୋମବାର କୁଡୁମୁଲୁଗୁମ୍ମାଠାରେ ଏକ ପ୍ରଚାର ରଥ ଗଡ଼ିଛି। କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ରଥ ପହଞ୍ଚିବା ପରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ସନ୍ତୋଷ କୁମାର ଷଡଙ୍ଗୀ, ବିଧାୟକଙ୍କ ପ୍ରତିନିଧି ସାଧୁ ହନ୍ତାଳ, ପୂର୍ବତନ ସରପଞ୍ଚ ଗୋପୀ ପାଙ୍ଗି, ସାମାଜିକ କର୍ମୀ ଭଗବାନ ସାହୁ, ବାବୁନୁ ଦୁଲାରୀ, ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି ଓ ମଧୁ ପରଜା ପ୍ରମୁଖଙ୍କ ଉପସ୍ଥିତିରେ ରଥ ଶୁଭାରମ୍ଭ ହୋଇଛି। ଏହି ରଥ ପରକନମାଳା ଓ କୁଡୁମୁଲୁଗୁମ୍ମାର ବିଭିନ୍ନ ୱାର୍ଡରେ ହିତାଧିକାରୀଙ୍କୁ ସଚେତନ କରିଛି। ଯେଉଁ ଗାଁରେ ରଥ ଅଟକିବ ସେଠାରେ ଟିଭି ସ୍କ୍ରିନ୍ ମାଧ୍ୟମରେ ଯୋଜନା ସମ୍ପର୍କିତ ଏକ ଲଘୁ ଚଳଚ୍ଚିତ୍ର ପ୍ରଦର୍ଶନର ବ୍ୟବସ୍ଥା ରହିଛି।




ଅତିଥିମାନେ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି ।

# ମାଲକାନଗିରି କଲେଜକୁ ସରକାରୀ ସ୍ୱୀକୃତି ଦାବି

## ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କଲେ ୩୦ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ର

ମାଲକାନଗିରି, ୨୩।୮ (ଡି.ଏନ୍.ଏ.)

ମାଲକାନଗିରି କଲେଜକୁ ୪୨ ବର୍ଷ ପୁରିଥିଲେ ମଧ ମିଳିନାହିଁ ସରକାରୀ ମାନ୍ୟତା। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଦୁଃଖ ପ୍ରକାଶ କରିବା ସହ ଶୀଘ୍ର ସରକାରୀ ସ୍ୱୀକୃତି ପ୍ରଦାନ ନିମନ୍ତେ ଦାବି ହୋଇଛି। ସୁରେଶ ସୋମାନି, ରବନ୍ଦ୍ର ନାଥ ଚାନ୍ଦ, ସଞ୍ଜୟ ପାଣିଗ୍ରାହୀ, ରବି ରାଜେଶଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ର ପୂର୍ବତନ ଛାତ୍ର ଏହି ପୁରାତନ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ନିମନ୍ତେ ସୋମବାର ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ କଲେଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି।

ରାଜ୍ୟ ସରକାର ୧୯୯୦ ରେ ଏହି କଲେଜକୁ ସରକାରୀ ସ୍ୱୀକୃତି ପ୍ରଦାନ ନିମନ୍ତେ ସଙ୍କେତ ଦେଇଥିବାବେଳେ ପରବର୍ତ୍ତି ସମୟରେ ତାହାକୁ ସ୍ଥଗିତ ରଖିଥିଲେ। ୨୦୧୬ରେ ଏହାକୁ ସରକାରୀ କରିବା ପାଇଁ ସମ୍ପତ୍ତି ଓ ଦେୟର ଆକଳନ କରିଥିଲେ। ୨୦୧୯ରେ ମାଲକାନଗିରି କଲେଜକୁ ସରକାରୀ କରିବା ନେଇ ଭିଡିଓ ଏବଂ ଫଟୋ ଡକ୍ୟୁମେଣ୍ଟ କରିଥିଲେ। ସେହି ବର୍ଷ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସରକାର କଲେଜକୁ ହାତକୁ ନେଇ ୧.୫ କୋଟି ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ଏ ନେଇ ପୂର୍ବତନ ଛାତ୍ରମାନେ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ଏଥିସହ ଏହି କଲେଜ ସରକାରୀ ଜାଗାରେ ଥିବାରୁ ତୁରନ୍ତ ପଟ୍ଟା ପ୍ରଦାନ, ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି, ୨ ଅଧ୍ୟାପକ ପଦବୀ ପୂରଣ, ୩ କର୍ମଚାରୀ, ଅଧ୍ୟାପିକା, ଅଧ୍ୟାପକଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ, କଲେଜ ନିକଟରେ ସରକାରୀ ଜାଗାରେ ଖେଳ ପଡ଼ିଆ ନିମନ୍ତେ ଦାବି ହୋଇଛି। ଦୁଇ ବର୍ଷ ହେଲା ପରିଚାଳନା କମିଟି ନ ଥିବାରୁ କଲେଜର ପରିଚାଳନା ବିଷୟରେ ଅଭିଭାବକ, ବୁଦ୍ଧିଜୀବୀ, ସ୍ଥାନୀୟ ବରିଷ୍ଠ ନାଗରିକ ମାନେ ଅବଗତ ହେଇପାରୁ ନାହାନ୍ତି ବୋଲି ମନ୍ତ୍ରୀଙ୍କୁ ଜଣାଇଛନ୍ତି। ମନ୍ତ୍ରୀ ଦାବିପତ୍ର ଗ୍ରହଣ କରିବା ସହ ଏ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏଥିସହ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା, ମୋ କଲେଜ ଅଭିଯାନ, ପରିବେଶ ଆଦି ବିଷୟରେ ବୁଝାଇଥିଲେ। ମନ୍ତ୍ରୀଙ୍କ ସହ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀ, ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ଅଧ୍ୟାପିକା ନମିତା ଦଣ୍ଡସେନାଙ୍କ ସମେତ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଡିଗ୍ରୀ କଲେଜର ଅଧ୍ୟକ୍ଷ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ମନ୍ତ୍ରୀ ଅରୁଣ ସାହୁଙ୍କୁ ପୂର୍ବତନ ଛାତ୍ରମାନେ ଦାବିପତ୍ର ଦେଉଛନ୍ତି ।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୨୪ ଅଗଷ୍ଟ, ୨୦୨୧



## ଟ୍ରକ୍‌କୁ ପିଟିଲା ବାଇକ ଦୁଇ ଗୁରୁତର

ପାପଡାହାଣ୍ଡି,(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପେଟ୍ରୋଲ ପମ୍ପ ନିକଟରେ ସୋମବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଣକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ପାପଡାହାଣ୍ଡିର ଘନଶ୍ୟାମ ନାଗ ଓ ରଞ୍ଜିତ ରନ୍ଧାରୀ। ସୂଚନାନୁଯାୟୀ, ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରକ୍ ସହ ଘନଶ୍ୟାମ ଓ ରଞ୍ଜିତଙ୍କ ବାଇକ (ଓଡି-୨୪ଇ-୬୨୦୬) ପିଟି ହୋଇଥିଲା। ଏହି ସମୟରେ ପିସିଆରରେ ଯାଉଥିବା ହୋମ୍‌ଗାର୍ଡ ଭୋଳା ଶତନାମୀ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ଘନଶ୍ୟାମଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ନିର୍ଯାତନା ଅଭିଯୋଗ ଆଣିଲେ ପ୍ରଥମ ସ୍ତ୍ରୀ

ଜୟପୁର, ୨୩।୮(ନି.ପ୍ର.)- ଦ୍ୱିତୀୟ ସ୍ତ୍ରୀ ଗ୍ରହଣକରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିବା ନେଇ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଜୟପୁର ମହିଳା ପୋଲିସ ସ୍ୱାମୀଙ୍କ ସହ ୫ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ କୋରାପୁଟ ଶାନ୍ତିନଗରର ଆଲିସା ସାଲମି ୨୦୨୦ ଡିସେମ୍ବର ୨୨ରେ ଜୟପୁର ସଦର ଥାନା ଅଧୀନ ବାରିଣିପୁଟର ଆଶିଷ ନାଗକୁ କୋର୍ଟ ମ୍ୟାରେଜ କରିଥିଲେ। କିଛି ମାସ ଭଲରେ ରହିବା ପରେ ଗତ ଜୁଲାଇ ମାସରେ ଆଶିଷ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କୁ ପରିବାର ଲୋକେ ଯୌତୁକ ନିର୍ଯାତନା ଦେଇ ଘର ତଡ଼ିଦେଇଥିଲେ। ସେ କିଛି ଉପାୟ ନ ପାଇ ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ୬୭/୨୧ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନାଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଶେଷ ହେଲା ଶ୍ରୀଜୀଉଙ୍କ ଝୁଲଣ ନୀତି



ନବରଙ୍ଗପୁର,୨୩।୮ (ବି.ପ୍ର.)- ନବରଙ୍ଗପୁରରେ ସୋମବାର ଶ୍ରୀଜୀଉଙ୍କ ଝୁଲଣ ନୀତି ଶେଷ ହୋଇଯାଇଛି। ନବରଙ୍ଗପୁର ଜଗନ୍ନାଥଙ୍କ ମନ୍ଦିର ପରିସରରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଏହି ଝୁଲଣ ନୀତି ଶ୍ରୀକ୍ଷେତ୍ର ପୁରୀରେ ଶ୍ରାବଣ ଶୁକ୍ଳ ପକ୍ଷ ନବମୀ ତିଥିରେ ଆରମ୍ଭ ହୋଇଥାଏ କିନ୍ତୁ ସର୍ବତ୍ର ଏହି ନୀତିକୁ ଶ୍ରବଣ ଶୁକ୍ଳପକ୍ଷ ଏକାଦଶୀ ଦିନ ଆରମ୍ଭ କରାଯାଇଥାଏ। ଝୁଲଣ ନୀତି ଶ୍ରାବଣ ଶୁକ୍ଳପକ୍ଷ ଏକାଦଶୀ ଦିନ ଆରମ୍ଭ ହୋଇ ଭାଦ୍ରବ କୃଷ୍ଣ ପକ୍ଷ ପ୍ରତିପଦା ଦିନ ଶେଷ ହୋଇଥାଏ। ଏହି ନୀତି ପ୍ରତିବର୍ଷ ବହୁ ଆଡମ୍ବରରେ ପାଳିତ ହୋଇଥାଏ କିନ୍ତୁ ଚଳିତ ବର୍ଷ କରୋନା କଟକଣା ଅନୁଯାୟୀ ବିନା ଭକ୍ତରେ ସୀମିତ ସେବାୟତଙ୍କୁ ନେଇ ପାଳନ କରାଯାଇଥିଲା। ସମସ୍ତ ନୀତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ନୀତି ମନ୍ଦିର ପୂଜକ ଦେବୀ ନାୟକ, ଶୁଭମ ନାୟକ, ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ଶତପଥୀଙ୍କ ସମେତ ଦେବୋତ୍ତର ସଭାପତି ସୁବାସ ଚନ୍ଦ୍ର ସୁର, ଶ୍ରୀଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପସଭାପତି ଭବାନୀ ଶଙ୍କର ଶତପଥୀ, ଦୁର୍ଗା ତ୍ରିପାଠୀ, ନିର୍ମାଣ କମିଟି ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ହତ୍ୟା ଅଭିଯୁକ୍ତ ଗିରଫ

ବୈପାରୀଗୁଡା, ୨୩।୮(ଡି.ଏନ୍.ଏ.)- ୮ ବର୍ଷ ତଳର ଏକ ହତ୍ୟା ଘଟଣାରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସେମାନେ ହେଲେ ପାଣ୍ଡିପଡା ଗ୍ରାମର ଦେବ ହନ୍ତାଳ, ଜୟରାମ ହନ୍ତାଳ, ଉଦ୍ଧବ ପାଙ୍ଗୀ ଏବଂ ପାଲ୍ଲିଗୁଡା ଗ୍ରାମର ଭୀମ ଖିଲ, ଶିବ ଖିଲ ଏବଂ ଧନୁର୍ଜୟ ଖିଲ। ସୂଚନାନୁଯାୟୀ, ୨୦୧୪ ଜୁନ୍ ୩୦ରେ ବୈପାରିଗୁଡ଼ା ଥାନା ଦୋରାଗୁଡା ସାପ୍ତାହିକ ହାଟରେ ବିଟ୍ ରାସ୍ତାରେ ଧନୁର୍ଜୟ ହନ୍ତାଳ (୨୫)ଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଧନୁର୍ଜୟଙ୍କୁ ଖଣ୍ଡା ଓ ଟଙ୍ଗିଆରେ ହାଣି ହତ୍ୟା କରିଥିଲେ। ମୃତକଙ୍କ ବାପା ୧୩ଜଣଙ୍କ ନାମରେ ଏତଲା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟମାନେଙ୍କ ଫେରାର ଥିବା ଦର୍ଶା ଯାଇଥିଲା। ଥାନାଧିକାରୀ ଈଶ୍ୱର ଟାଣ୍ଡିଙ୍କ ପ୍ରଚେଷ୍ଟାରେ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି। ସେହିପରି ଅନ୍ୟ ମାମଲାରେ ୪ ଜଣ ୱାରେଣ୍ଟିଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନେ ହେଲେ ସୁନାଧର ଖିଲ, ଶୁକୁ ଗତନ, ନନ୍ଦ ଗତନ ଏବଂ ରଘୁନାଥ ଖିଲ।

### ୧୫ ଜୁଆଡି ଗିରଫ

ଉମରକୋଟ, ୨୩।୮(ବି.ପ୍ର.)-ଢାବାରେ ଚାଲିଥିଲା ଜୁଆ ଖେଳ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୫ଟି ମୋବାଇଲ ଓ ନଗଦ ୫୭ ହଜାର ୧୬୫ଟଙ୍କା ପୋଲିସ ଜବତ କରିଛି। ପ୍ରକାଶ ଯେ, ସହରର ଅତିଥି ଢାବାରେ ଜୁଆ ଖେଳ ଚାଲିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ପୋଲିସ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ଜୁଆଡିଙ୍କୁ ଗିରଫ କରାଯାଇଛି। ଏହି ଚଢାଉରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦିନେଶ ଚନ୍ଦ୍ର ନାୟକ, ସବ୍ ଇନ୍ସପେକ୍ଟର ସନ୍ତୋଷ କୁମାର ମାଝି ଓ କେତେଜଣ ପାଲିସ କର୍ମଚାରୀ ଥିଲେ।

# ଆଦିବାସୀ ମାନ୍ୟତା ଦାବି ଜୋର ଧରିଲା

- ଉପଜିଲାପାଳଙ୍କ ଅଫିସ ଘେରିଲେ ଦୁରୁଆ ଛାତ୍ରୀଛାତ୍ର ମହିଳା
- ପ୍ରତିଶ୍ରୁତି ପରେ ଧାରଣା ହଟିଲା

**ଜୟପୁର, ୨୩।୮(ନି.ପ୍ର.)**



ଉପଜିଲାପାଳଙ୍କ ଅଫିସ ଆଗରେ ଦୁରୁଆ ସଂପ୍ରଦାୟ ପକ୍ଷରୁ ଧାରଣା ଦିଆଯାଉଛି ।

କୋରାପୁଟ ଜିଲାରେ ବସବାସ କରୁଥିବା ଦୁରୁଆ ସମ୍ପ୍ରଦାୟର ଲୋକେ ଆଦିବାସୀ ମାନ୍ୟତା ପାଇଁ ଦୀର୍ଘ ୨୦ ବର୍ଷ ହେବ ସଂଘର୍ଷ ଜାରି ରଖିଛନ୍ତି। କିନ୍ତୁ ଆଜି ଯାଏ ସେମାନଙ୍କୁ ମାନ୍ୟତା ବଦଳରେ ପ୍ରତିଶ୍ରୁତି ହିଁ ମିଳୁଛି। ଏନେଇ ସୋମବାର ଦୁରୁଆ ଆଦିବାସୀ ମହିଳା ମହାସଂଘ ବିଶାଳ ଶୋଭାଯାତ୍ରାରେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ। ମହିଳା ମହାସଂଘର ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ଦୁରୁଆ ସମ୍ପ୍ରଦାୟର ଛାତ୍ରୀଛାତ୍ର ମହିଳା ପୁରୁଷ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ଧାରଣାରେ ବସିଥିଲେ। ଉପଜିଲାପାଳ ହେମକାନ୍ତ ସାୟଙ୍କ ଅନୁପସ୍ଥିତିରେ ତହସିଲଦାର ପ୍ରଧାନ ଟୁଲି ଆଗ୍ନା ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାପରେ ଧାରଣା ହଟିଥିଲା।

ଆଦିବାସୀ ପ୍ରମାଣପତ୍ର ନ ମିଳିବାରୁ ଛାତ୍ରୀଛାତ୍ରମାନେ ଆଦିବାସୀ ଛାତ୍ରାବାସରେ ରହି ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଅଧିକାଂଶ ସମୟରେ ପ୍ରାଥମିକ ଶିକ୍ଷା ପରେ ସେମାନେ ପାଠ ଛାଡ଼ି ଦେଉଛନ୍ତି। ଆଦିବାସୀ ମାନ୍ୟତା ପାଇଁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ଫାଇଲ ମଧ୍ୟରେ ରହିଛି। ପ୍ରାୟ ୨୦ ବର୍ଷ ହେବ ସଂଘର୍ଷ ଜାରି ରହିଥିବା ସତ୍ତ୍ୱେ ଭାଷାଭିତ୍ତିକ ମତଭେଦ ପାଇଁ ଏହି ମାନ୍ୟତା ପାଇବାରୁ ସେମାନେ ବଞ୍ଚିତ। ନିର୍ବାଚନ ସମୟରେ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କୁନ୍ଦୁରା ଆସି ଏହି ଦାବି ଉଠାଇଥିଲେ। ତାହାର ଦୁଇ ଦିନପରେ ରାଜ୍ୟ ସରକାର ଦୁରୁଆ ଜନଜାତିଙ୍କୁ ଆଦିବାସୀ ମାନ୍ୟତା ଦେବାକୁ ଡିସେମ୍ବର ୨୦୧୮ରେ ନିଷ୍ପତ୍ତି ନେଇଥିଲେ। ଏନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିବା ନେଇ ମତ ଦେଇଥିଲେ। ଧୁରଭା,ଧୁରୁଆ ଏବଂ ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯିବା ନେଇ ରାଜ୍ୟ ସରକାର ଅନୁମୋଦନ କରିଥିଲେ। ଏନେଇ କେନ୍ଦ୍ରକୁ ସରକାରଙ୍କୁ ଜଣାଯାଇଥିବା ନେଇ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ମହାନ୍ତିଙ୍କ ସ୍ୱାକ୍ଷର ଥାଇ ସେହି ମାନ୍ୟତା ପତ୍ରର ଏକ ନକଲ କୁନ୍ଦୁରାଠାରେ ଆୟୋଜିତ ଏକ ସଭାରେ ଦୁରୁଆ ଆଦିବାସୀ ନେତାଙ୍କୁ ପ୍ରଦାନ କରାଯାଇଥିଲା । ଏହି ସମୟରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଏନେଇ ପ୍ରତିଶ୍ରୁତି ଦେଇ କହିଥିଲେ, କେନ୍ଦ୍ର ସରକାର ଯେତେଦିନ ପର୍ଯ୍ୟନ୍ତ ଏହାକୁ ମାନ୍ୟତା ପ୍ରଦାନ କରିନାହାନ୍ତି ରାଜ୍ୟ ସରକାର ନିଜ ଉଦ୍ୟମରେ ଆଦିବାସୀମାନଙ୍କୁ ମିଳିବାକୁ ଥିବା ମୌଳିକ ସୁବିଧା ଯୋଗାଇଦେବେ ବୋଲି କହିଥିଲେ। ତଥାପି କିଛି ସୁଫଳ ମିଳୁନି ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଅଧିକାରୀ ୧୫ଦିନ ସମୟ ମାଗିଥିଲେ। ୬ ଘଣ୍ଟା ପରେ ଧାରଣା ହଟିଥିଲା।

## ମହାମାରୀ ବିରୋଧରେ ଜାଗ୍ରତ ପ୍ରହରୀ ସାଜିବେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ନ୍ୟୁ ଇଣ୍ଡିଆ @୭୫ କାର୍ଯ୍ୟକ୍ରମ ଉଦ୍‌ଯାପିତ**

**ଦାମନଯୋଡି, ୨୩।୮(ଡି.ଏନ୍.ଏ.)**

ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରରେ ନ୍ୟୁ ଇଣ୍ଡିଆ @୭୫ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନେ ମହାମାରୀ ଏବଂ ଜଟିଳ ରୋଗ ବିରୋଧରେ ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟକରିବେ। ତତ୍‌ସହିତ ଏଡ୍‌ସ ଓ ଯକ୍ଷ୍ମାର ନିରାକରଣ ଉପରେ ସଚେତନତା ବାର୍ତ୍ତାକୁ ଗାଁ ଗହଳିରେ ପହଞ୍ଚାଇବେ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୧୨ ଅଗଷ୍ଟରେ ଭାରତ ସରକାରଙ୍କ ଦ୍ୱାରା ଆଭାସି ମାଧ୍ୟମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ୟୁଟ୍ୟୁବ୍‌ରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏଥିସହ ମହାବିଦ୍ୟାଳୟରେ ହୋଇଥିବା ପୋଷ୍ଟର, ମାସ୍କ ଏବଂ ୱାଲ ପେଣ୍ଟିଂ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଥିଲେ। ଗଳ୍ପ ଲିଖନ, ଗୋଷ୍ଠୀଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣକରି ଛାତ୍ର ଛାତ୍ରୀ ମାନେ କୃତକାର୍ଯ୍ୟ ହୋଇଥିଲେ। ଜିଲାସ୍ତରୀୟ ଆଭାସି କାର୍ଯ୍ୟକ୍ରମରେ ନାଲ୍‌କୋର ଡାକ୍ତର ଜ୍ୟୋତି ରଞ୍ଜନ ଦାସ ଏଡ୍‌ସର ଭୟାବହତା ଏବଂ ଏହାର ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ଅଧ୍ୟାପିକା ଡ.ବନ୍ଦିତା ନନ୍ଦ, ଡ. ସ୍ୱାତୀ ଚାଟାର୍ଜୀ ଓ ନାରାୟଣ ଲାମତା ପ୍ରମୁଖ ସହଯୋଗ କରିଥିଲେ। ସ୍ମୃତିଶିଖା ବ୍ରହ୍ମା, ମୌସୁମୀ ରାଉତ, ଅଙ୍କିତା କି , ଅଙ୍କିତା ସ୍ୱାଇଁ, ଶୁଭାଶିଷ ମିଶ୍ର, ଇଶମଲ କୁଳଦୀପ, ଶ୍ରାବଣୀ ରାଉତ, ମମିତା ଖିଲୋ, ଆଶିଷ ଚୌଧୁରୀ ପ୍ରମୁଖ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାମନ୍ଦିରର ରେଡ୍ରିବନ କ୍ଲବ କାଉନ୍‌ସିଲର ଡ. ନରେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ସପ୍ତମ ବେତନ ହାରରେ ଦରମା ପ୍ରଦାନ କର

**ଅଧାପକ ଓ କର୍ମଚାରୀ ସଂଘ ପକ୍ଷରୁ ଗଣ ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର**

**କୋରାପୁଟ,୨୩।୮(ସ୍ୱ.ପ୍ର.)**



ସଂଘ ପକ୍ଷରୁ ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଦାବିପତ୍ର ଦିଆଯାଉଛି।

ନିଖିଳ ଓଡ଼ଶା ଅଧାପକ ଓ କର୍ମଚାରୀ ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ହାରରେ ଦରମା, ଚାକିରି ସର୍ତ୍ତାବଳୀ, ଅବସର ପରେ ପେନସନ ବ୍ୟବସ୍ଥା, ଖାଲିପଡିଥିବା ପଦବୀ ପୂରଣ ଏବଂ ଚାକିରୀ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲଙ୍କ ଉପସ୍ଥିତିରେ ନିଖିଳ ଓଡ଼ିଶା ୬୬୨ ଅଧାପକ ଓ କର୍ମଚାରୀ ସଂଘ କୋରାପୁଟ ଜିଲା ଶାଖା ସଭାପତି ତ୍ରିନାଥ ପାତିକା, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ରବି ଶତପଥୀ, ଆଲଫ୍ରେଡ ଉଇଲିୟମ ଡୁରୁକ, ସୀମାଞ୍ଚଳ ଦାସ, ସୁରଥ ଡାକୁଆ ଏବଂ ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ୱାଇଆର୍‌ସିର କାର୍ଯ୍ୟକାରିଣୀ ବୈଠକ

**ନବରଙ୍ଗପୁର,୨୩।୮(ବି.ପ୍ର.)**

ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟଶାଖା ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ରେଡକ୍ରସ୍(ୱାଇଆର୍‌ସି)ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଯୁବ ରେଡକ୍ରସ୍ ଅଧ୍ୟକ୍ଷ ଡଃ. ବିନୋଦ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ଜିଲା ଯୁବରେଡକ୍ରସ ଆବାହକ ଡ.ଭାସ୍କର ନାଥ ବିଶ୍ୱାଳ, ଜିଲା ଯୁବ ରେଡକ୍ରସ୍ ସଂଯୋଜକ ଅଖିଳ କୁମାର ଭଞ୍ଜ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶମ୍ଭୁପ୍ରସାଦ ହୋତା, କାଉନସିଲର ଅଧ୍ୟାପକ ଦିଲ୍ଲୀପ ହୋତା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଡ଼ଃ.ରଂଜନ କୁମାର ସ୍ୱାଇଁ, ଅଧ୍ୟାପିକା ଡ଼ଃ.ସଂଯୁକ୍ତା ପଣ୍ଡା, ଅଧ୍ୟାପିକା



ନିର୍ମଳା ହିକ୍‌କା ସମ୍ବଳ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ରଜନୀ ମିନଜ୍ . ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଯୁବ ରେଡକ୍ରସ କାଉନସିଲର ଏବଂ ନବରଙ୍ଗପୁର ମହାବିଦ୍ୟାଳୟରଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

## ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ପଟ୍ଟାଙ୍ଗୀ, ୨୩।୮(ଡି.ଏନ୍.ଏ.)**



ହେମନ୍ତ ପଣ୍ଡା କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ହନୁମାନ ମନ୍ଦିର ପାହାଡ଼ ତଳେ ନୂତନ କରି ନିର୍ମାଣ ହୋଇଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ସ୍ଥାଇ କାର୍ଯ୍ୟାଳୟକୁ ରାଜ୍ୟ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଉକ୍ତ ବିଭାଗର କାର୍ଯ୍ୟାଳୟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ଅସ୍ଥାୟୀ ଗୃହରେ ପରିଚାଳିତ ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଉପରୋକ୍ତ ମନ୍ଦିର ନିକଟରେ ଏକ ସରକାରୀ ଜମିରେ ୧୦ ଲକ୍ଷ ଟଙ୍କା ଟଙ୍କା ବ୍ୟୟରେ ତିଆରି କରାଯାଇଛି। ଅନ୍ୟତମ ଅତିଥି ଭାବେ ପିଡି ଭବାନୀ ଶଙ୍କର କାଲୋ ଏବଂ ଏପିଡି ଅଶୋକ କୁମାର ସେନାପତି ଯୋଗ ଦେଇଥିଲେ। ବ୍ଲକର ବିବାଦୀୟ ତଥା ଆନ୍ଧ୍ର ସୀମାକୁ ଲାଗି ରହିଥିବା କୋଟିଆ ପଞ୍ଚାୟତର ମାଡକାର, ଡୋଲିଆମ୍ବ, ଫଗୁଣସିନେରି , ଫାଟୁସିନେରି ଏବଂ ହରମାଣ୍ଡାଙ୍ଗି ଗ୍ରାମରେ ବିଭାଗ ପକ୍ଷରୁ ଏକ କୋଟି ୩୨ ଲକ୍ଷ ଅନୁଦାନରେ ତିଆରି ଚାଲଇଥିବା ୫ଟି ପୋଖରୀ ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଯଥାଶୀଘ୍ର କାମ ସାରିବାକୁ ରାଜ୍ୟ ନିର୍ଦ୍ଦେଶକ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା କୋଟିଆ ପଞ୍ଚାୟତର ରଞ୍ଜିତ ପାଙ୍ଗି ବିଭାଗ ପକ୍ଷରୁ ଗ୍ରାମଗୁଡ଼ିକରେ ଜୀବନ ଜୀବିକା ମିଶନ କାର୍ଯ୍ୟକ୍ରମ ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମରେ ଗ୍ରାମବାସୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ କଫି ଉନ୍ନୟନ ସଂସ୍ଥା ଉପନିର୍ଦ୍ଦେଶକ ଶୈଳେନ୍ଦ୍ର ନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁମନ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ପାପଡ଼ାହାଣ୍ଡି ଶହୀଦ ଦିବସ ପାଇଁ ଜଳାଗଲା ମଶାଲ

- ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ ପାଳିତ
- ୪ ଜଣଙ୍କୁ କରାଗଲା ସମ୍ମାନିତ

**ନବରଙ୍ଗପୁର,୨୩।୮(ବି.ପ୍ର.)**

ସ୍ୱାଧୀନତା ସଂଗ୍ରାମୀ ତଥା ବିଧାୟକ ଓ ନଗରପାଳ ସ୍ୱର୍ଗତ ଜଗନ୍ନାଥ ତ୍ରିପାଠୀଙ୍କ ୧୪ତମ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ଶହୀଦ ସଂସଦର ୩୪ ତମ ମଶାଲ ଯାତ୍ରା ପାଇଁ ମଶାଲ ପ୍ରଜ୍ୱଳିତ କରାଯାଇଛି। ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ୩୪ତମ ଶହୀଦ୍ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଶହୀଦ ସଂଗ୍ରାମୀ ପରିବାର ରାମଧୁନ୍ ଗାନ କରି ସାରାରାତି ଉଜାଗର ରହିବେ। ୨୪ ଅଗଷ୍ଟ ସକାଳୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ପାପଡାହାଣ୍ଡି ଶହୀଦ ଦିବସରେ ମଶାଲ ସାମିଲ ହେବ ବୋଲି କାର୍ଯ୍ୟକ୍ରମରେ ସ୍ଥିର କରାଯାଇଛି।

ଏକ ଘରୋଇ ଡାକ୍ତରଖାନାର ଷ୍ଟାଫ୍ ନର୍ସ ରେଖା ନାଗ, ସରକାରୀ ଡାକ୍ତରଖାନାର ଷ୍ଟାଫ୍ ନର୍ସ ମିନାକ୍ଷି ସୁନାଙ୍କୁ କରୋନା ଯୋଦ୍ଧାଭାବେ ସମ୍ମାନିତ କରାଯାଇଛି। ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ଭଗ୍ନୀ ସୁଲୋଚନା ଦାସ ଏବଂ ଡ. ସଦାଶିବ ତ୍ରିପାଠୀଙ୍କର ପୁତ୍ରବଧୂ ତଥା ନବରଙ୍ଗପୁରର ପ୍ରଥମ ନଗରପାଳ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ସହଧର୍ମିଣୀ ସତ୍ୟଭାମା ତ୍ରିପାଠୀଙ୍କୁ ମା' ସମ୍ମାନରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ପାପଡାହାଣ୍ଡିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଜେମା ମଣି ବଷୋଇଙ୍କ ଆତ୍ମଜୀବନୀ 'ବଣମଲିର ଆତ୍ମକଥା' ଲୋକାର୍ପଣ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହାର ରନ୍ଧାରୀ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର, ପୂର୍ବତନ ବିଧାୟକ ସଦନ ନାୟକ, ସୋମନାଥ ବିଷୋୟୀ, ମା' ଘର ନବରଙ୍ଗପୁର ଜିଲା ଶାଖା ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ମଞ୍ଚାସୀନ ଥିଲେ। ନବରଙ୍ଗପୁର ଜିଲା ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତି କେନ୍ଦ୍ର ସଭାପତି ମୁନ୍ନା ତ୍ରିପାଠୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ମିଶନଶକ୍ତି କାର୍ଯ୍ୟର ସମୀକ୍ଷାକଲେ ଉପଦେଷ୍ଟା

**କୋରାପୁଟ,୨୩।୮(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଡିଆରଡିଏ ସଦଭାବନା ଗୃହରେ ସୋମବାର ଜିଲାରେ କାର୍ଯ୍ୟକାରୀ ହେଉଥିବା ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର। କୋରାପୁଟ ଜିଲାର ବୈପାରିଗୁଡା, ଜୟପୁର ଓ କୋରାପୁଟରେ ମିଶନଶକ୍ତି ଦ୍ୱାରା କରାଯାଉଥିବା କାର୍ଯ୍ୟଗୁଡିକ ପରିଦର୍ଶନ କରି ଫେରିବା ପରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ସମୀକ୍ଷା କରିଛନ୍ତି। କୋରାପୁଟ ଜିଲା ମିଶନଶକ୍ତି ମହିଳାମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟ କରିବାକୁ ଉତ୍କଣ୍ଠା ରହିଥିବା ସେ ସୂଚନା ଦେଇଛନ୍ତି। କୋରାପୁଟ ଜିଲା ମିଶନ ଶକ୍ତି ଅନ୍ୟ ଜିଲା ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ, ଜିଲା ସମାଜ ମଙ୍ଗଳଅଧିକାରୀ ବିଦ୍ୟୁଲତା ପାତ୍ର, ମିଶନ ଶକ୍ତି ଡିପିସି ଜୟକୃଷ୍ଣ ମହାପାତ୍ର, ଓଡିଶା ଜୀବିକା ମିଶନ ଡିପିଏମ୍ ସୁସ୍ମିତା ସାମନ୍ତରାୟ, ଜିବନ ଜୀବିକା ଏପିଡି ବି.ସ୍ୱାତୀ, ଜିଲାର ସମସ୍ତ ସିଡିପିଓ, ବିପିସି ଓ ବିପିଏମ୍‌ମାନେ ଯୋଗ ଦେଇଥିଲେ।

## ସହରରେ ଚୋରଙ୍କ ଦୌରାତ୍ମ୍ୟ, ସବୁଠି ବୁଲାଉଛନ୍ତି କଳାକନା

**ବିଲରୁ ମିଳିଲା ଚୋରି ହୋଇଥିବା ବାଇକ୍**

**ଦଶମନ୍ତପୁର, ୨୩।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ ସଦରରେ ରବିବାର ରାତିରେ ଅନେକ ସ୍ଥାନରେ ଚୋରି ହୋଇଛି। ଦୋକାନରୁ ଏକ କେଟିଏମ୍ ଓ ହିରୋହାଣ୍ଡା ବାଇକ୍ ଚୋରି ହୋଇଛି। ପୋଲିସକୁ ହିରୋହୋଣ୍ଡା ବାଇକ୍‌ଟି ମିଳିଛି। ଚୋରଙ୍କ ଦୌରାତ୍ମ୍ୟ ବଢୁଥିବାରୁ ଅଞ୍ଚଳବାସୀ ଏବେ ଚିନ୍ତାରେ।

ସୂଚନା ଅନୁଯାୟୀ, ପ୍ରତାପ ବିଷୋୟୀ ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନ ଭାଙ୍ଗି ସମସ୍ତ ଜିନିଷ ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ। ଡମ୍ବାଗୁଡାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିବା ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଗ୍ରାମର ଉମେଶ ନେମିଲିପୁରୀଙ୍କ କେଟିଏମ୍ ବାଇକ୍ (ଓଡି-୧୮ଡି-୭୮୧୭)ଟି ମଧ୍ୟ ରବିବାର ରାତିରେ ଚୋରି ହୋଇଯାଇଛି। ସେହିଭଳି ଉକ୍ତ ଗାଁର ଈଶ୍ୱର ଚୌଧୁରୀଙ୍କ ବାଇକ୍ (ଓଆର୍-୨୪-୭୭୬୪)ଟି ମଧ୍ୟ ଚୋରି ହୋଇଛି। ଉକ୍ତ ବାଇକ୍‌ଟି କିନ୍ତୁ ଏକ ବିଲରୁ ପୋଲିସକୁ ମିଳିଛି। ଦଶମନ୍ତପୁର ଥାନାଧିକାରୀ ବିଜୟରାଜ ମାଝିଙ୍କ ନେତୃତ୍ୱରେ ମୁରାନ୍ ଫାଣ୍ଡି ଏଏସ୍‌ଆଇ ଅକ୍ଷୟ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।



# ଭଙ୍ଗା କୁଡ଼ିଆରେ ବିତୁଛି ଦିନ, ଆବାସଘର ସାତସପନ

- ଆବାସ ଘର ଅପେକ୍ଷାରେ ବୃଦ୍ଧ ଦମ୍ପତି
- ବାରମ୍ବାର ପଞ୍ଜୀକରଣ ସତ୍ତ୍ୱେ ମିଳୁନି ସୁବିଧା

**ଦଶମନ୍ତପୁର, ୨୩।୮(ଡି.ଏନ୍.ଏ.)**



ନିଜ ଭଙ୍ଗା କୁଡ଼ିଆ ଆଗରେ ସ୍ତ୍ରୀ ସଙ୍ଗାରୀଙ୍କ ସହ ମୂଳିଆ ଜାନି।

ଜୀବନର ପରିଣତ ବୟସ କଟୁଛି ଭଙ୍ଗାଘରେ। କାନ୍ଥରୁ ମାଟି ଖସିଗଲାଣି, ଚାଳରୁ ଛପର ଉଡ଼ିଗଲାଣି। ଖରା ତରା ଘର ଭିତରୁ ଦିଶୁଛି। କେତେବେଳେ ଯେ, ଏହି ଘରଟି ଭୁଶୁଡ଼ି ପଡ଼ିବ ତା'ର କିଛି ଠିକଣା ନାହିଁ। ବୁଢ଼ା ବୟସରେ କାମ କରି ଟଙ୍କା ଆଣି ଘର ତିଆରି କରିବାର ବଳ ନାହିଁ। ଏହା ଭିତରେ ଆବାସ ଘର ଖଣ୍ଡିଏ ପାଇଁ ମଧ୍ୟ ଦୌଡ଼ି ଦୌଡ଼ି ହତାଶ ହେଲେଣି ବୋଲି କହିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଚଣ୍ଡିଜାନିଗୁଡା ଗ୍ରାମର ମୂଳିଆ ଜାନି(୭୦)।

ସ୍ତ୍ରୀ ସିଙ୍ଗାରୀ(୬୫)ଙ୍କୁ ନେଇ ମୂଳିଆଙ୍କ ଛୋଟ ପରିବାର। ଝିଅ ପୁଅ ବାହା ହୋଇ ଏବେ ଅଲଗା ରହୁଛନ୍ତି। କାମ କରି ସେମାନେ ନିଜ ପରିବାର ଚଳାଉଥିଲେ। କିନ୍ତୁ ବୟସ ବଢ଼ିବା ପରେ ଦେହ ଆଉ ବୋଲ ମାନିଲା ନାହିଁ। କାମ କରିବାକୁ ବଳ ମଧ୍ୟ ପାଇଲା ନାହିଁ। ଉଭୟଙ୍କୁ ୫ଶହ ଟଙ୍କା ଲେଖାଏ ବାର୍ଦ୍ଧକ୍ୟଭତ୍ତା ମିଳୁଛି। ସେଥିରେ ହିଁ ତେଲଲୁଣର ସଂସାର ଚାଲୁଛି। ଏହା ଭିତରେ ସେମାନେ ରହୁଥିବା ଘରଟି ମଧ୍ୟ ଭୁଶୁଡ଼ିବା ଉପରେ। କାନ୍ଥରୁ ମାଟି ଖସିଲାଣି। ଠା ଠା ଛପର ମଧ୍ୟ ଉଡ଼ିଯାଇଛି। ବର୍ଷା ହେଲେ ପାଣି ଗଳେ। ଆବାସଘର ପାଇଁ ଆବଶ୍ୟକ କାଗଜପତ୍ର ସହ ପଞ୍ଚାୟତରୁ ଆରମ୍ଭକରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦାବିକରି ଆସୁଥିଲେ ସୁଦ୍ଧା ତାହା ମିଳୁନାହିଁ। ଘର ପାଇଁ ପ୍ରତିବର୍ଷ ଯୋଗ୍ୟ ହିତାଧିକାରୀ ଭାବେ ପଲ୍ଲିସଭା ଓ ଗ୍ରାମସଭାରେ ନାମ ପଞ୍ଜୀକରଣ କରାଇ ଆସୁଛନ୍ତି। ହେଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ମୂଳିଆ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପଞ୍ଚାୟତର ଧନୀ ଲୋକମାନଙ୍କୁ ଆବାସଘର ଦିଆଯାଉଥିବା ବେଳେ ଯୋଗ୍ୟ ବ୍ୟକ୍ତି ଏଥିରୁ ବଞ୍ଚିତ ବୋଲି ମୂଳିଆ କହିଛନ୍ତି। ଏ ସମ୍ପର୍କରେ ପିଇଓ ଗଙ୍ଗାଧର ବେହେରାଙ୍କୁ ପଚାରିବାରୁ ଘର ତାଲିକାରେ ନାମ ଥିଲେ ଖୁବ୍ ଶୀଘ୍ର ତାଙ୍କୁ ମିଳିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭାଜପାର ମିଶ୍ରଣ ପର୍ବ

ଚନ୍ଦାହାଣ୍ଡି, ୨୩।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୁହୁଡି ଗ୍ରାମରେ ଭାଜପାର ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଛି। ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମ ସୁନ୍ଦର ମାଝି, ଜିଲା ଯୁବ ମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଜିଲା ସମ୍ପାଦକ ବୁଲୁ ଷଡ଼ଙ୍ଗୀ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦିଲୀପ କୁମାର ଦାସ, କୃଷକ ନେତା ପ୍ରଫୁଲ୍ଲ ପ୍ରଧାନୀ, ଭରତ ବାଘ, ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ ମଞ୍ଚ ପରିଚାଳନା କରିଥିଲେ। ୪୨୮ ଜଣ ମହିଳା ଓ ପୁରୁଷ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମାଲଗାଁ ମଣ୍ଡଳ ସମ୍ପାଦକ ତ୍ରିଲୋଚନ ବେଶ୍ରା, ଗଗନେ ମାଝି, ଯାଦବ ବଗର୍ତ୍ତି, ପ୍ରଭାତ ସୁନା, କୁଞ୍ଜ ଭୈସାଲ, ଜୟରାମ ବାଘ, ମୁକୁନ୍ଦ ବାଘ, କୁମନ୍ତ ମାଝି, ନରସିଂ ମାଝି ପ୍ରମୁଖ ଯୋଗ ଦେଇଥିଲେ।

### ବଜ୍ରପାତରେ ୨ ମହିଳା ଗୁରୁତର

ସୋରଡ଼ା, ୨୩।୮(ଡି.ଏନ୍.ଏ.): ସୋରଡ଼ା ବ୍ଲକ ବଡ଼ଗଡ଼ ଥାନା ଅନ୍ତର୍ଗତ ସିଦ୍ଧପୁର ଗ୍ରାମର ୨ ମହିଳା ସୋମବାର ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମନାସ ସ୍ୱାଇଁ ଓ ମମତା ବାଡ଼ତ୍ୟା। ଉଭୟେ ନିଜ ଜମିରେ ଧାନ ରୋଇବା ସମୟରେ ବଜ୍ରପାତ ହେବାରୁ ଅଚେତ ହୋଇ ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ପଠାଯାଇଛି।

### ଭଞ୍ଜ ସଙ୍ଗୀତ ଆସର

ଭଞ୍ଜନଗର, ୨୩।୮(ଡି.ଏନ.ଏ): ଆନନ୍ଦ ସଙ୍ଗୀତାୟନର ୫୫ତମ ମାସିକ ଭଞ୍ଜ ସଙ୍ଗୀତ ଆସର ଲାବଣ୍ୟବତୀ କଳାମଣ୍ଡପରେ ସୋମବାର ପ୍ରଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁଶ୍ରୀ ଲୋକନାଥ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ପାରମ୍ପରିକ ସଙ୍ଗୀତର ପ୍ରଚାର ତଥା ମହନୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଙ୍ଗୀତଜ୍ଞ ଲୋକନାଥ ମହାନ୍ତିଙ୍କ ସମେତ ଅନୁଷ୍ଠାନର ଶିଳ୍ପୀମାନେ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ତବଲା ଏବଂ ମର୍ଦ୍ଦଳ ବାଦନରେ ଦିବାକର ପ୍ରଧାନ, ସାଗର ନାୟକ ସହଯୋଗ କରିଥିଲେ। ସମ୍ପାଦକ ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ସଂସ୍କୃତ ଶିକ୍ଷକ ଦିବସ

ପାରଳାଖେମୁଣ୍ଡି, ୨୩।୮(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସ୍ଥିତ ସଂସ୍କୃତ ମହାବିଦ୍ୟାଳୟର ସଭାଗୃହଠାରେ ସୋମବାର ନିଖିଳ ଉତ୍କଳ ସଂସ୍କୃତ ମହାସଂଘ ଅନ୍ତର୍ଗତ ଗଜପତି ଜିଲା ଶାଖା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ସଂସ୍କୃତ ଶିକ୍ଷକ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ତ୍ରିପାଠୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନିଖିଳ ଉତ୍କଳ ସଂସ୍କୃତ ମହାସଂଘ ଓଡିଶା ପକ୍ଷରୁ ରାଜ୍ୟସଂଘର ଉପସଭାପତି ପଣ୍ଡିତ ଲମ୍ବୋଦର ଶତପଥୀ ଓ ରାଜ୍ୟସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ବିନାୟକ ତ୍ରିପାଠୀ, ସ୍ଥାନୀୟ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ବିଘ୍ନେଶ୍ୱର ମିଶ୍ର ଏବଂ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ କୁମୁଦ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ଶୁଭଲକ୍ଷ୍ମୀ ଦାସ, ଗୌରୀ ଶଙ୍କର ମହାରଣା, ସନ୍ତୋ, କୁମାର ଶତପଥୀ, ସଞ୍ଜୀବ କୁମାର ଦାସ, ସିଏଚ ଭେଙ୍କେଟେଶ୍ୱର ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ପ୍ରାୟ ୫୦ ଉଚ୍ଚ ବିଦ୍ୟାଳୟର ୭୦ରୁ ଅଧିକ ସଂସ୍କୃତ ଶିକ୍ଷକ ଯୋଗଦେଇଥିଲେ।

### ଏନ୍‌ଏସିରେ ସ୍ୱଚ୍ଛ ଚର୍ଚ୍ଚା ଦିବସ

ଜି.ଉଦୟଗିରି, ୨୩।୮(ଡି.ଏନ.ଏ.): ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ମିଶନକୁ ସଫଳ କରିବା ପାଇଁ ଶନିବାର ଜି.ଉଦୟଗିରି ଏନ୍‌ଏସିରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ଆୟୋଜନ କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରକୁ ସ୍ୱଚ୍ଛ ରଖିବା ପାଇଁ ଖସଡ଼ା ପ୍ରସ୍ତୁତ ହୋଇଥିଲା। ବୈଠକରେ ଏନ୍‌ଏସି କର୍ମଚାରୀ ସତ୍ୟ ପ୍ରକାଶ ମହାପାତ୍ର, ଗଣେଶ ଜେନା, କମ୍ବୁପାଣି ପାଣିଗ୍ରାହୀ, ପ୍ରଭାତ ରଞ୍ଜନ ସାହୁ, ଉଦୟ ବେହେରାଙ୍କ ସହିତ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀମାନେ ଯୋଗଦେଇଥିଲେ। କରୋନା ମହାମାରୀ ସମୟରେ ସ୍ୱଚ୍ଛତା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏନ୍‌ଏସିକୁ କିଭଳି ସ୍ୱଚ୍ଛ ରଖିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବାକୁ ଆଲୋଚନା କରାଯାଇଥିଲା।

# ତୃତୀୟ ଲହର ମୁକାବିଲା ଲାଗି ସରକାର ପ୍ରସ୍ତୁତ

- ମୁଖ୍ୟମନ୍ତ୍ରୀ ନିଜେ ତଦାରଖ କରୁଛନ୍ତି: ସ୍ୱାସ୍ଥ୍ୟମନ୍ତ୍ରୀ
- ୨ ଦିନ ମଧ୍ୟରେ ଗଞ୍ଜାମ ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି: ଜିଲାପାଳ

ଛତ୍ରପୁର, ୨୩।୮(ଡି.ଏନ୍.ଏ.)

କରୋନାର ତୃତୀୟ ଲହର ଆସିବା ସମ୍ଭାବନା ଥିବା କେନ୍ଦ୍ର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସମସ୍ତ ରାଜ୍ୟକୁ ସତର୍କ କରାଯିବା ସହ ଏହାର ମୁକାବିଲା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶନାମା ଆସିଛି। ତୃତୀୟ ଲହର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଗଞ୍ଜାମ ଗସ୍ତରେ ଆସିଥିବାବେଳେ ସୋମବାର ତାମ୍ପରାଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଶ କହିଛନ୍ତି। ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନେ ବେଶି ସଂକ୍ରମିତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରୁଥିବା ବେଳେ ଏବେ ଦ୍ୱିତୀୟ ଲହରରେ ଶିଶୁ ଓ କିଶୋରମାନେ ସଂକ୍ରମିତ ହେଉଥିବା ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସମସ୍ତ ବ୍ୟବସ୍ଥା କରାଯାଇଛି। ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ଅଛି। ଔଷଧ ମହଜୁଦ ରଖାଯାଇଛି। ଡାକ୍ତର ଓ ଅନ୍ୟମାନଙ୍କୁ ଶିଶୁଙ୍କ ଚିକିତ୍ସା ଓ ସେବା ପାଇଁ ତାଲିମ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବିଶେଷଜ୍ଞ କମିଟି ଗଠନ ହୋଇଛି। ଡିଏମ୍ଇଟିଙ୍କ ସ୍ତରରେ ମଧ୍ୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ଲହରକୁ ରାଜ୍ୟ ସରକାର ଯେଭଳି ଦୃଢ ଭାବେ ମୁକାବିଲା କରିଛନ୍ତି, ସେହିଭଳି ସମ୍ଭାବ୍ୟ ତୃତୀୟ ଲହରର ନିୟନ୍ତ୍ରଣ ମୋ ସରକାର ଓ ସ୍ୱାସ୍ଥ୍ୟ ବିଭାଗ କରିବ ବୋଲି ମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଏହାର ତଦାରଖ କରୁଥିବା ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ଗାଇଡଲାଇନ୍ ଅନୁସାରେ ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ ପ୍ରସ୍ତୁତି ସାରିଦେବୁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଯୋଗାଯୋଗ ବେଳେ କହିଛନ୍ତି। କରୋନା ଦ୍ୱିତୀୟ ଲହର ମୁକାବିଲାରେ ଗଞ୍ଜାମ ଟିମ୍ ଭଲ କାମ କରିଛି। ଯାହାକି ସମ୍ଭାବ୍ୟ ବିଷୟ ନଜରକୁ ଆସୁଛି ସେ ନେଇ ଆମକୁ କାମ କରିବାକୁ ପଡିବ ବୋଲି ଜିଲାପାଳ କହିଛନ୍ତି। ଆଗାମୀ ଦୁଇ ଦିନ ମଧ୍ୟରେ କୋଭିଡ୍ ମୁକାବିଲା ନେଇ ଗଞ୍ଜାମ ଜିଲା ପାଇଁ ପ୍ରଶାସନ ଏକ ସ୍ୱତନ୍ତ୍ର ରଣକୌଶଳ ପ୍ରସ୍ତୁତ କରିବାକୁ ଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଶିଶୁ ଓ କିଶୋରମାନେ କିଭଳି ସଂକ୍ରମିତ ନ ହେବେ ସେ ନେଇ ଏସ୍‌ଓପି ଜାରି କରାଯାଇଛି। ପୁଣି ଜିଲାରେ ଘରକୁ ଘର ଯାଇ ଶିଶୁମାନଙ୍କର ସ୍ୱାସ୍ଥ୍ୟ ସ୍କ୍ରିନିଂ ହେବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ହସ୍ପିଟାଲ ସହ ଜିଲା ଚିକିତ୍ସାଳୟରେ ଶିଶୁ ଆଇସୋଲେଶନ ଶଯ୍ୟା ବ୍ୟବସ୍ଥା କରାଯାଇଛି। ସମାନ୍ୟ ଜ୍ୱର କିମ୍ବା ଥଣ୍ଡା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଅଭିଭାବକମାନେ ଅଧିକ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ବିକି ହରିଜନଙ୍କୁ ମିଳିଲା ଚିକିତ୍ସା ସୁବିଧା


ଡାକ୍ତର ବିକିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଉମରକୋଟ, ୨୩।୮(ସ୍ୱ.ପ୍ର.)

ପିଲାଟି ଦିନରୁ ମା'ବାପାଙ୍କୁ ହରାଇଥିଲେ ବିକି ହରିଜନ(୧୩)। ଉମରକୋଟ କେନାଲ ସାହି, ୱାର୍ଡ ନମ୍ବର ୮ରେ ଆଇଙ୍କ ସହ ରହୁଛନ୍ତି ବିକି। ହୋଟେଲରେ କାମ କରି ଆଣୁଥିବା ଅର୍ଥରେ ତାଙ୍କ ଘର ଚଳେ। ଅଧିକାଂଶ ସମୟ ସେ ପିଲାବେଳୁ ଖାଇବା, ପିଇବା ତଥା ଯତ୍ନ ଅଭାବରୁ ଅଧିକାଂଶ ସମୟ ରୋଗଗ୍ରସ୍ତ ହୋଇ ରହୁଥିଲେ। ଦୁଇ ଆଣ୍ଠୁର ତଳ ଭାଗ ସବୁବେଳେ ଫୁଲି ରହୁଥିଲା। ବିକିଙ୍କର ଅସୁସ୍ଥତା ବିଷୟରେ ଖବରପାଇ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସୁଧାଂଶୁ ଦାଶ ଓ ଡିଜିଟାଲ ସମ୍ପାଦକ ଲଳିତ ସେଠୀ ତାଙ୍କୁ ଭେଟିଥିଲେ। ସେମାନେ ବିକିଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଶିଶୁ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡା ତିନି ଦିନ ଚିକିତ୍ସା କରିଥିଲେ। ସେ ଆର୍ଥ୍ରାଇଟିସ୍ ରୋଗରେ ଆକ୍ରାନ୍ତ ଅଛନ୍ତି ବୋଲି କହିଥିଲେ। ଏହା ମଧ୍ୟରେ ଶୁକ୍ରବାର ବିକିଙ୍କର ହିମୋଗ୍ଲୋବିନ ୭ ପଏଣ୍ଟକୁ ଖସି ଆସିଛି ଏବଂ ତୁରନ୍ତ ରକ୍ତ ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ସୁଧାଂଶୁ ଓ ଲଳିତ ନବରଙ୍ଗପୁର ରକ୍ତ ଭଣ୍ଡାରରୁ ରକ୍ତ ବ୍ୟବସ୍ଥା କରାଇଥିଲେ। ଚିକିତ୍ସା ଚାଲିଛି। ବିକିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତାଙ୍କର ଗୋଟିଏ ଗୋଡ଼ ପ୍ରାୟ ଭଲ ହୋଇଗଲାଣି। ସାତ ଦିନ ଭିତରେ ପୁଣି କିଛି ପରୀକ୍ଷା କରାଯିବ। ଯଦି ଠିକ୍ ନ ହୁଏ, ତାହେଲେ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ପଡ଼ିବ ବୋଲି ଡାକ୍ତର କହିଛନ୍ତି। ପିଲାଟିର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବି ବୋଲି ସୁଧାଂଶୁ ଦାସ କହିଛନ୍ତି।

## ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶକଙ୍କ ଦିବ୍ୟାଙ୍ଗ ସାଧନ କେନ୍ଦ୍ର ପରିଦର୍ଶନ

ଛତ୍ରପୁର, ୨୩।୮(ଡି.ଏନ.ଏ.)


ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶକ ପରିଦର୍ଶନ କରୁଛନ୍ତି।

କେନ୍ଦ୍ର ବିଦ୍ୟାଳୟ, ଶିକ୍ଷା ଏବଂ ସାକ୍ଷରତା ମନ୍ତ୍ରଣାଳୟ ଅଧୀନ ବିଭାଗର ନିର୍ଦ୍ଦେଶକ ରବି କାଟିୟାଲ ସୋମବାର ଗଞ୍ଜାମ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ଦିବ୍ୟାଙ୍ଗ ସାଧନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସାଧନ କେନ୍ଦ୍ରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ନିମନ୍ତେ ଉଦ୍ଦିଷ୍ଟ ତାଲିମ, ଥେରାପି ଓ ପରାମର୍ଶ କିପରି ଦିଆଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ତିଲାମ ଓ ଥେରାପି ପ୍ରଦାନ କରାଯାଉଥିବା ସାମଗ୍ରୀଗୁଡିକୁ କାଟିୟାଲ ବୁଲି ଦେଖିଥିଲେ। କେନ୍ଦ୍ର ମନ୍ତ୍ରଣାଳୟ ବିଦ୍ୟାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ସେକ୍ସନ ଅଫିସର ରାମ ନିବାସ, ଓଡିଶା ରାଜ୍ୟ ଓପେପାର ଯୁଗ୍ମ ନିର୍ଦ୍ଦେଶକ ରାଜଶ୍ରୀ ପଟ୍ଟନାୟକ, ରାଜ୍ୟ ବାଳିକା ଶିକ୍ଷା ସଂଯୋଜକ ଲହରୀ ମହାନ୍ତି ଓ ରାଜ୍ୟ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଅଶୋକ କୁମାର ମହାପାତ୍ର ପ୍ରମୁଖ ଜିଲା ଦିବ୍ୟାଙ୍ଗ ସାଧନ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ, ସମଗ୍ର ଶିକ୍ଷା ଅଭିଯାନର ଅର୍ଥପରାମର୍ଶଦାତା ମଧୁସୂଦନ ପରିଡା, ଏସସି /ଏସ୍‌ଟି ଜିଲା ସଂଯୋଜକ ଡସରୋଜ ମୋହନ ପାଳ, ଶୈକ୍ଷିକ ସଂଯୋଜକ ଡ.ସନ୍ତୋଷ କୁମାର ପଣ୍ଡା, ଏମଆଇସି ପ୍ରୋଗ୍ରାମର ପ୍ରଦୀପ କୁମାର ଖଟେଇ, ଆକାଉଣ୍ଟାଣ୍ଟ ଅଜୟ କୁମାର ପଣ୍ଡା, ବ୍ଲକ ଶିକ୍ଷା ସଂଯୋଜକ ବିଜୟ କୁମାର ବେହେରା, ଏମ.ଡମ୍ବରୁ ଦୋରା, ଅଶ୍ୱିନୀ ପାଇକରାୟ ଓ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ପାରଳାଖେମୁଣ୍ଡି, ୨୩।୮(ଡି.ଏନ୍.ଏ.)

ଗୋଷାଣି ବ୍ଲକ ଅନ୍ତର୍ଗତ ଖରଷଣ୍ଡରେ ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଭାଜପାର ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସମସ୍ତ କର୍ମୀଙ୍କୁ ଦଳ ପକ୍ଷରୁ ବିଜେଡି ଜିଲା ସଭାପତି ପ୍ରଦୀପ କୁମାର ନାୟକଙ୍କ ସମେତ ମଞ୍ଚାସୀନ ଥିବା ଦଳର ବିଜେଡି ଜିଲାଯୁବ ସଭାପତି ଏସ୍ ଲିଙ୍ଗରାଜ, ପୂର୍ବତନ ବିଜେଡି ଜିଲା ସଭାପତି ବସନ୍ତ କୁମାର ଦାସ, ଦଳର ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା ପ୍ରମୁଖ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଭାଜପା କର୍ମୀମାନେ ବିଜେଡିରେ ଯୋଗ ଦେଇଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ଆହୁରି ଅଧିକ ସୁଦୃଢ଼ ହୋଇ କାର୍ଯ୍ୟ କରିବ ବୋଲି ବିଜେଡି ଜିଲା ସଭାପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପିଙ୍କ ପ୍ରତିନିଧି ବାଲା ଧନଞ୍ଜୟ, ବିଜେଡି ବ୍ଲକ ସଭାପତି ସିଏଚ୍ ଈଶ୍ୱର ରାଓ, ବିଜେଡି ଜିଲା ଛାତ୍ର ସଭାପତି ବିଶ୍ୱଜିତ୍ ତ୍ରିପାଠୀଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଟମସା ମୁଖ୍ୟ କେନାଲରେ ବଡ଼ ଘାଇ



କୋରୁକୋଣ୍ଡା, ୨୩।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମାୱାଡ଼ା ପଞ୍ଚାୟତ ଏମ୍‌ଭି ୪୯ ଓ ଏମ୍‌ଭି ୫୦ ଗ୍ରାମ ନିକଟରେ ପୋଟେରୁ ଜଳସେଚନ ବିଭାଗର ତମସା କେନାଲରେ ଏକ ବିରାଟ ଘାଇ ସୃଷ୍ଟି ହୋଇଛି। ଫଳରେ ଉକ୍ତ କେନାଲ ବନ୍ଧ ରାସ୍ତାଦେଇ ଲୋକଙ୍କ ଯାତାୟାତ ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଛି। ପୋଟେରୁ ଜଳସେଚନ ବିଭାଗର ସୋଲକୋଣ୍ଡା ବ୍ୟାରେଜଠାରୁ ପ୍ରାୟ ୯.୬୦୦ କି.ମି. ଦୂରରେ ଘାଇ ସୃଷ୍ଟି ହୋଇଛି। ଏମଭି ୪୯ ଗ୍ରାମର ସୁଖଚାନ୍ଦ ମିର୍ଦ୍ଧା, ସମୀର ମଣ୍ଡଳ ପ୍ରମୁଖ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ତମସା କେନାଲରେ ପ୍ରାୟ ଦୁଇଦିନ ତଳେ ଏକ ଘାଇ ସୃଷ୍ଟି ହୋଇଥିଲା ଓ କେନାଲରୁ ଜଳ ଲିକ୍ ହେଉଥିବା ଜଣାପଡ଼ିଥିଲା। ଏହାର ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଥିଲେ। ହେଲେ ଏ ବିଷୟରେ କେହି ଶୁଣି ନ ଥିଲେ। ରବିବାର ଏହି କେନାଲରେ ପାଣି ଛଡ଼ାଯିବା ପରେ ସେହି ଘାଇଟି ଧୀରେ ଧୀରେ ବଢ଼ିବାକୁ ଲାଗିଥିଲା। ବିଭାଗ ପକ୍ଷରୁ ତମସା କେନାଲ ଓ ରାସ୍ତାର ଠିକ୍‌ଭାବେ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ସୂଚନା ପହଞ୍ଚିବା ପରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଉକ୍ତ କେନାଲରେ ପ୍ରବାହିତ ହେଉଥିବା ପାଣିକୁ ବନ୍ଦ କରଯାଇଥିଲା। ସୋମବାର ସକାଳେ ଘଟଣା ସ୍ଥଳରେ ପୋଟେରୁ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିରାମ ବେଉରିଆ ଓ କନିଷ୍ଠ ଯନ୍ତ୍ରୀ ଦୀନବନ୍ଧୁ ପାତ୍ର ପହଞ୍ଚି ଘଟଣାର ତଦାରଖ କରିବା ସହ ଘାଇର ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ତମସା କେନାଲରେ ପ୍ରବାହିତ ଜଳ ଉପରେ ଚାଷୀ ନିର୍ଭର କରୁଛନ୍ତି। ୩୦ ବର୍ଷ ତଳେ ଏହି କେନାଲ ନିର୍ମାଣ କରଯାଇଥିଲା। ଏହି ପୁରୁଣା କେନାଲରେ ଲାଇନିଂ କିମ୍ବା କେନାଲ ରାସ୍ତାକୁ ମରାମତି କରାଯାଉନାହିଁ। ବିଭାଗ ପକ୍ଷରୁ ଏହି କେନାଲ ଲାଇନିଂ କରିବା ନିମନ୍ତେ ୨୦୧୯ ରେ ଟେକନିକାଲ ଆଡଭାଇଜରି କମିଟି ପକ୍ଷରୁ ପ୍ରାୟ ୧୧୭ କୋଟି ଟଙ୍କା ବ୍ୟୟ ଅଟକଳ ଅନୁମୋଦନ କରାଯାଇଥିବା ଜଣାପଡ଼ିଛି। ଏଥିସହ ଉକ୍ତ କେନାଲ ରାସ୍ତା ନିର୍ମାଣ ନିମନ୍ତେ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭଗକୁ ହସ୍ତାନ୍ତର କରାଯିବା ନେଇ ପ୍ରସ୍ତୁତି ଜାରି ରହିଥିବା ଜଳ ସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏସଂପର୍କରେ ପୋଟେରୁ ଜଳ ସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, କେନାଲ ବନ୍ଧ ରାସ୍ତା ମରାମତି କାର୍ଯ୍ୟ ଜାରି ରହିଛି। କାର୍ଯ୍ୟ ଶେଷ ହେବା ପରେ କେନାଲରେ ପାଣି ଛଡ଼ାଯିବ ବୋଲି ସେ କହିଛନ୍ତି। ଉକ୍ତ ତମସା କେନାଲର ଆବଶ୍ୟକ ଥିବା ମରାମତି ଓ ଲାଇନିଙ୍ଗ କରିବା ସହ କେନାଲ ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ନିମନ୍ତେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଗ୍ରାମବାସୀଙ୍କ ଯାତାୟାତ ବନ୍ଦ**

## ଝଞ୍ଜାବତୀ ନଦୀ ପୋଲ, ରାସ୍ତା ନିର୍ମାଣ ଦାବି

ରାୟଗଡ଼ା ଅଫିସ, ୨୩।୮-



ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ ଓ ଯୁବମଞ୍ଚ ସଦସ୍ୟମାନେ।

ରାୟଗଡ଼ା ଜିଲା ସଦର ବ୍ଲକ କୁମ୍ଭିକୋଟା ପଞ୍ଚାୟତର ପୋଡ଼ାମରା ଗ୍ରାମ ବିକାଶ ମଞ୍ଚ ଏବଂ ବାବା ସାହେବ ଯୁବମଞ୍ଚ ପକ୍ଷରୁ ଅସ୍ଥାୟୀ ପୋଲ ଓ ରାସ୍ତା ନିର୍ମାଣ ନିମନ୍ତେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଭେଟି ଅନୁରୋଧ କରାଯାଇଛି। ଗାଁକୁ ପକ୍କାରାସ୍ତା ନଥିବାବେଳେ ଯାତାୟାତର ମାଧ୍ୟମ ସାଜିଥିଲା ଝଞ୍ଜାବତୀ ନଦୀ ଉପରେ ଥିବା ଅସ୍ଥାୟୀ ପୋଲ। ତେବେ ଦୁଇଦିନ ତଳେ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଝଞ୍ଜାବତୀ ନଦୀରେ ବଢ଼ି ଆସି ଅସ୍ଥାୟୀ ପୋଲକୁ ଧୋଇ ନେଇଯାଇଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ଉପୁଜିଛି। ଗାଁରେ ୧୦୦ ଘରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ବିକାଶକୁ ଆଗେଇ ନେବା ପାଇଁ ଗମନାଗମନ ଦୃଷ୍ଟିରୁ ଉଭୟ ଗ୍ରାମବାସୀ ଓ ପ୍ରଶାସନ ଏହି ଅସ୍ଥାୟୀ ପୋଲ ଉପରେ ନିର୍ଭର କରୁଥିଲେ। କୁମ୍ଭିକୋଟା ଠାରୁ ଅସ୍ଥାୟୀ ପୋଲ ପର୍ଯ୍ୟନ୍ତ ଥିବା ଦୂରତା ମଧ୍ୟରେ କୁମ୍ଭିକୋଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଜାଗା ରହିଥିବାରୁ ସେ ନିଜ ଜାଗାରେ ରାସ୍ତା ନିର୍ମାଣ ପାଇଁ ଅନୁମତି ଦେଉ ନାହାନ୍ତି। ଫଳରେ ଦୀର୍ଘ ବର୍ଷ ଧରି ପକ୍କାରାସ୍ତାଟିଏ ନିର୍ମାଣ ହୋଇ ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପକ୍କାରାସ୍ତା ନ ଥିବାରୁ ବର୍ଷ ତମାମ ଖାଲଢିପ ଭରା ମାଟିରାସ୍ତା ଉପରେ ନିର୍ଭର କରି ଗ୍ରାମବାସୀ ଚଲୁଛନ୍ତି। ଗାଁକୁ ସିଧାସଳଖ ସଂଯୋଗ କରିବା ପାଇଁ ଏକ ପକ୍କାରାସ୍ତା ଏବଂ କୁମ୍ଭିକୋଟା-ପୋଡ଼ାମରା ମଧ୍ୟରେ ପ୍ରବାହିତ ଝଞ୍ଜାବତୀ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ନିମନ୍ତେ ପଞ୍ଚାୟତ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ସେମାନେ କହିଛନ୍ତି। ଏବେ ଅସ୍ଥାୟୀ ପୋଲ ଭାସି ଯାଇଥିବାରୁ ଗାଁକୁ ଦୁଇଚକିଆ ଗାଡ଼ିରେ ମଧ୍ୟ ଯାତାୟାତ ସମ୍ଭବ ହେଉନି। ନବମ ଓ ଦଶମ ଶ୍ରେଣୀର ପାଠପଢ଼ା ଆରମ୍ଭ ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ ହେଉଛନ୍ତି। ସେହିପରି ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ମଧ୍ୟ ଅପହଞ୍ଚ ହୋଇଛି। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ପୋଲ ଓ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମର ବନ ମେଲେକା, ଅରୁଣ ବିଭାର, ସୁରେନ୍ଦ୍ର ବିଭାର, ଆଶିଷ ବିଭାର, ଦେବେନ୍ଦ୍ର କୃଳଦୀପଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି।

**ବର୍ଷାରେ ଧୋଇଗଲା ପୋଡ଼ାମରା ଅସ୍ଥାୟୀ ପୋଲ**

## ପକ୍କାଘର ଦାବିରେ ବିକ୍ଷୋଭ

ଭଞ୍ଜନଗର, ୨୩।୮(ଡି.ଏନ.ଏ)

ବେଲଗୁଣ୍ଠା ବ୍ଲକ ବୋରୀ ଗ୍ରାମର ଅନେକ ଯୋଗ୍ୟ ହିତାଧିକାରୀ ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ତିତ୍‌ଲିରେ ବାତ୍ୟାରେ କେତେକଙ୍କ ଚାଳ ଛପର ଘର ଭାଙ୍ଗି ଯାଇଥିଲା। ପକ୍କାଘର ନ ଥିବାରୁ ସେମାନେ ଅସୁବିଧା ଭୋଗୁଛନ୍ତି। ସୋମବାର ଗ୍ରାମର କେତେଜଣ ମହିଳା ଓ ପୁରୁଷ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଉପ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତିତ୍‌ଲିରେ ଘର କ୍ଷତିଗ୍ରସ୍ତ ହୋଇଛି। ତେଣୁ ପକ୍କା ଘର ଯୋଜନାରେ ସେମାନଙ୍କୁ ସାମିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ସ୍ଥିତି ସମୀକ୍ଷା କଲେ ଗଣ ଶିକ୍ଷାମନ୍ତ୍ରୀ

କୋରାପୁଟ, ୨୩।୮(ସ୍ୱ.ପ୍ର.)

ରାଜ୍ୟ ଗଣଶୀକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କୋରାପୁଟ ଜିଲାଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ସ୍ଥାନିୟ ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ଜିଲାର ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଡିଇଓ ରାମ ଚନ୍ଦ୍ର ନାହାକ ଓ ଅନ୍ୟ କର୍ମଚାରୀମାନଙ୍କ ସହ ଶିକ୍ଷାର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସରକାର ମାଧ୍ୟମିକ ଶିକ୍ଷାର ଉନ୍ନତି ନିମନ୍ତେ ଅନେକ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଆରମ୍ଭ କରିଥିବାବେଳେ ପ୍ରାଥମିକ ଶିକ୍ଷାର କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଯୋଜନା କରାଯାଉଥିବା ମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ କରୋନାର ତୃତୀୟ ଲହରକୁ ନେଇ ଆଶଙ୍କା ପ୍ରକାଶ କରୁଥିବା ଯୋଗୁ ସରକାର ପ୍ରାଥମିକ ସ୍କୁଲ ଖୋଲିବା ଦିଗରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି କହିଥିଲେ। ବିଶେଷଜ୍ଞମାନେ ପିଲାଙ୍କ ପାଇଁ ବିପଦମୁକ୍ତ ଥିବା ଜଣାଇବା ପରେ ସେତେବେଳ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ପିଲାମାନେ ଅନେକ ଦିନ ଧରି ବିଦ୍ୟାଳୟରୁ ଦୁରରେ ରହିଯାଇଥିବା ଯୋଗୁ ସ୍କୁଲକୁ ଆସିବା ପରେ ସେମାନଙ୍କ ପାଠ ପଢା ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଥିବା ସେ ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ କୋରାପୁଟ ସହରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ପିଲାମାନଙ୍କ ସହିତ କଥାବାର୍ତା କରିବା ପରେ ଶ୍ରେଣୀ ଗୃହରେ ପ୍ରଶ୍ନ ପଚାରିବାକୁ କହିଥିଲେ। ପିଲାଙ୍କ ସହ କଥାବାର୍ତ୍ତା ହେବା ପରେ ଏହି କୁନି ଛାତ୍ରଛାତ୍ରୀଙ୍କ ପ୍ରତିକ୍ରୀୟା ଓ ଉତ୍ତର ଦେବାପାଇଁ ପ୍ରକାଶ ପାଇଥିବା ତତ୍ପରତାକୁ ନେଇ ଆନନ୍ଦିତ ହୋଇଥିବା ସେ ପ୍ରକାଶ କରିଛନ୍ତି।

## ସରିଲା ଶ୍ରାବଣ, ବର୍ଷାର ନାଁ ଗନ୍ଧ ନାହିଁ

ବୈଦ୍ୟନାଥ ବେହେରା
ଖଜୁରିପଡ଼ା, ୨୩।୮(ଡି.ଏନ.ଏ.)


ବର୍ଷା ଅଭାବରୁ ଶୁଖିଲା ପଡ଼ିଥିବା କ୍ଷେତ।

ଶ୍ରାବଣ ସରିଥିଲେ ମଧ ଖଜୁରିପଡ଼ା ଠାରୁ ଆରମ୍ଭ କରି ଜି.ଉଦୟଗିରି, କୋଟଗଡ଼, ତୁମୁଡିବନ୍ଧ, ବାଲିଗୁଡ଼ା, ରାଇକିଆ ଆଦି ଜିଲାର ସମସ୍ତ ୧୨ ବ୍ଲକର କୌଣସି ସ୍ଥାନରେ ବର୍ଷା ଦେଖାନାହିଁ। କ୍ଷେତସବୁ ଅନେକ ସ୍ଥାନରେ ଫାଟି ଆଁ ହୋଇଛି। ଧାନତଳି ମଧ ଶୁଖିଲା ପଡ଼ିଛି। ସୋମବାର ଏ ନେଇ ଜିଲାପାଳ ଡ,ବୃନ୍ଦା ଡି ବିଡିଓ କନଫରେନ୍ସ ଜରିଆରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ସମସ୍ତ ୧୨ ବ୍ଲକର ଅଧିକାରୀ, କର୍ମଚାରୀମାନଙ୍କୁ ନେଇ ସମୀକ୍ଷା କରି ଚାଷ ଉପରେ ରିପୋର୍ଟ ମାଗିଥିବା ସୂଚନା ମିଳିଛି। ଏଥିସହିତ ପ୍ରତି ବ୍ଲକରେ ଇରିଗେଶନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଜଳ ବିଭାଜିକା, କୃଷିବିଭାଗ, ଫଳ ଓ ଉଦ୍ୟାନ ବିଭାଗ ସମସ୍ତଙ୍କୁ ନେଇ ଏକ କଣ୍ଟିଜନ ପ୍ଲାନ କରି ଚାଷୀଙ୍କ ପାଇଁ ଆଉ ଅନ୍ୟ ଚାଷ କ୍ଷେତରେ ଚାଷ କରିବାକୁ ସୁବିଧା ପାଇବେ ଆଲୋଚନା କରାଯାଇଛି ଓ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥିଙ୍କ ସୂଚନା ପ୍ରକାରେ କନ୍ଧମାଳ ଜିଲାରେ ମୋଟ ୧ ଲକ୍ଷ ୨୭ ହଜାର ୭୯୦ ହେକ୍ଟର ଚାଷ ଜମି ରହିଛି। ସେଥିରୁ ଜିଲାର ପ୍ରତିବର୍ଷ ୫୦ ହଜାର ହେକ୍ଟର ଚାଷ ଜମିରେ ଧାନଚାଷ ହେଉଥିବା ବେଳେ ଚଳିତ ବର୍ଷ ସରକାର ଧାନ ଚାଷ କମାଇ ୩୭ ହଜାର ୫୦ ହେକ୍ଟର ଧାର୍ଯ୍ୟ କରିଛନ୍ତି। ତେବେ ସେଥି ମଧ୍ୟରୁ ୩୧ ହଜାର ହେକ୍ଟର ପାଖାପାଖି ଜମିରେ ଧାନ ରୁଆ ହୋଇଥିବା ବେଳେ ୫ ରୁ ୧୦ ହଜାର ହେକ୍ଟର ଜମିରେ ଧାନରୁଆ ହୋଇନଥିବା ଆନୁମାନିକରୁ ଜଣାପଡ଼ିଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି। ତେବେ ଅଗଷ୍ଟ ଶେଷ ସୁଦ୍ଧା ଯଦିବି ବର୍ଷା କିଛି ହୁଏ ଅନେକ ଚାଷୀ ଧାନ ଲଗାଇବାକୁ ଅପେକ୍ଷାରେ ଅଛନ୍ତି। ସେତିକି ଦିନ ମଧ୍ୟରେ ବର୍ଷା ନ ହେଲେ ଧାନଚାଷ କିଛି ପରିମାଣରେ କ୍ଷତି ହେବା ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ତଥାପି ଚଳିତ ବର୍ଷ କନ୍ଧମାଳ ଜିଲାରେ ୩୭ରୁ ଅଧିକ ପ୍ରତିଶତ ବର୍ଷା ହୋଇଥିବା ଆକଳନରୁ ଜଣାପଡିଛି।

